Bhubaneswar- 12 may 2026
ଭୁବନେଶ୍ୱର- ୧୨ ମେ' ୨୦୨୬
Vol- 1 Issue - 16
ଭାଗ- ୧ ସଂଖ୍ୟା- ୧୬
www.pratishabda.com
Email : pratishabda7@gmail.com
Also Available In : YouTube

# ପ୍ରତିଶବ୍ଦ
## THE PRATISHABDA




### ଏକାମ୍ର କ୍ଷେତ୍ର-ଲିଙ୍ଗରାଜ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ'ରେ ମୁଖ୍ୟମନ୍ତ୍ରୀ ସାମିଲ

# ଦେଶର ସାଂସ୍କୃତିକ ରାଜଧାନୀ ହେବ ଓଡ଼ିଶା

- ପଶ୍ଚିମର ପ୍ରହରୀ ସୋମନାଥ ଓ ପୂର୍ବର ଅଜେୟ ଶକ୍ତି ଲିଙ୍ଗରାଜ
- ସୋମନାଥ ପର୍ବର ସିଧାପ୍ରସାରଣ ଦେଖିଲେ ମୁଖ୍ୟମନ୍ତ୍ରୀ
- ଆକ୍ରମଣ ସତ୍ତ୍ୱେ ବାରମ୍ବାର ପୁନର୍ଜନ୍ମ ନେଇଛି ଭାରତର ସ୍ୱାଭିମାନ
- 'ଅରେଞ୍ଜ ଇକୋନୋମି'ରେ ସମୃଦ୍ଧ ହେବ ଓଡ଼ିଶା
- ୧୪୦ କୋଟି ଭାରତୀୟଙ୍କ ଆତ୍ମସମ୍ମାନର ପ୍ରତୀକ ସୋମନାଥ : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର :** ସୋମନାଥ ମନ୍ଦିର ପୁନରୁଦ୍ଧାରର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଜି ଏକାମ୍ର କ୍ଷେତ୍ରସ୍ଥ ପ୍ରଭୁ ଲିଙ୍ଗରାଜଙ୍କ ପୀଠରେ 'ସୋମନାଥ ସ୍ୱାଭିମାନ ପର୍ବ' ଏକ ଆଧ୍ୟାତ୍ମିକ ପରିବେଶରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ଅଭିଭାଷଣରେ ସୋମନାଥ ଓ ଲିଙ୍ଗରାଜଙ୍କ ମଧ୍ୟରେ ଥିବା ଏକ ଅଦୃଶ୍ୟ ଓ ଗଭୀର ସମ୍ପର୍କ ଉପରେ ଆଲୋକପାତ କରି କହିଥିଲେ ସୋମନାଥ ଯଦି ଭାରତର ପଶ୍ଚିମ ପ୍ରହରୀ, ତେବେ ଲିଙ୍ଗରାଜ ହେଉଛନ୍ତି ପୂର୍ବର ଅବିଚଳିତ ଶକ୍ତି । ଆଜି ଏକାମ୍ର ପୀଠରେ ଏକ ବିଶେଷ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା, ଯେତେବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁଜରାଟର ପ୍ରଭାସ ପାଟନସ୍ଥିତ ସୋମନାଥ ମନ୍ଦିରରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିଚାଳିତ ଭବ୍ୟ ସମାରୋହର ସିଧାପ୍ରସାରଣ ଦେଖିଥିଲେ । ଗୁଜରାଟରୁ ଶ୍ରୀ ସୋମନାଥ ମନ୍ଦିର ଟ୍ରଷ୍ଟର ଅଧ୍ୟକ୍ଷ ଭାବେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଓ ପୂଜାର୍ଚ୍ଚନା କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରଦ୍ଧାର ସହ ଦେଖିବା ସହିତ ଲିଙ୍ଗରାଜ ପୀଠର ଶ୍ରଦ୍ଧାଳୁମାନଙ୍କ ସହ ସେହି ମୁହୂର୍ତ୍ତକୁ ବାଣ୍ଟିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦବୋଧନ ଦେଇ ଭାରତୀୟ ସଂସ୍କୃତିର ସୁରକ୍ଷା ଓ ଶୈବପୀଠଗୁଡ଼ିକର ବିକାଶ ଉପରେ ଗୁରୁତ୍ୱାରୋପ କରିବା ସହିତ ପ୍ରଭୁ ସୋମନାଥଙ୍କ ସଂଘର୍ଷମୟ ଇତିହାସକୁ ସ୍ମରଣ କରି କହିଥିଲେ ଯେ, ସୋମନାଥ ମନ୍ଦିରର ପୁନରୁଦ୍ଧାର ଥିଲା ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଭରତୀୟ ସଭ୍ୟତାର ପୁନଃ ସ୍ଥାପନର ଶୁଭାରମ୍ଭ, ଏବଂ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱରେ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଘଟୁଛି। ଇତିହାସର ପୃଷ୍ଠା ଓଲଟାଇ ସେ ଦର୍ଶାଇଥିଲେ ଯେ, ଆକ୍ରମଣକାରୀମାନେ ବାରମ୍ବାର ମନ୍ଦିର ଧ୍ୱଂସ କରି ଭାରତର ଆତ୍ମାକୁ ମାଟିରେ ମିଶାଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ସନାତନୀଙ୍କ ରକ୍ତରେ ପ୍ରବାହିତ ଆସ୍ଥା ଯୋଗୁଁ ଏହା ପ୍ରତିଥର ପୁନର୍ଜନ୍ମ ଲାଭ କରିଛି। ୧୯୫୧ ମସିହାର ଐତିହାସିକ ଘଟଣାକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଲୌହ ମାନବ ସର୍ଦ୍ଦାର ପଟେଲଙ୍କ ଦୃଢ ସଂକଳ୍ପ ଯୋଗୁଁ ହିଁ ସୋମନାଥ ମନ୍ଦିରର ପୁନଃନିର୍ମାଣ ସମ୍ଭବ ହୋଇଥିଲା। ତତ୍କାଳୀନ ରାଜନୈତିକ ବାଧାବିଘ୍ନ ଓ ତଥାକଥିତ ଧର୍ମ ନିରପେକ୍ଷତା ନାଁରେ ହୋଇଥିବା ବିରୋଧକୁ ସମାଲୋଚନା କରି ସେ କହିଥିଲେ ଯେ, ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ 'ନୂତନ ଭାରତ' ନିଜର ପରିଚୟକୁ ନେଇ ଗର୍ବିତ। ମୋଦୀଜୀଙ୍କ 'ବିକାଶ ଭି, ବୀରାସତ ଭି' ମନ୍ତ୍ର ଆଜି କାଶୀ ବିଶ୍ୱନାଥ କରିଡରଠାରୁ ଆରମ୍ଭ କରି ଅଯୋଧ୍ୟାରେ ଭବ୍ୟ ରାମ ମନ୍ଦିର ନିର୍ମାଣ ପର୍ଯ୍ୟନ୍ତ ସବୁଠି ପ୍ରତିଫଳିତ ହେଉଛି। ଓଡ଼ିଶାର ବିକାଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ସରକାର ରାଜ୍ୟର ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକାଶ ଭି, ବୀରାସତ ଭି' ନୀତି ଅନୁଯାୟୀ ଓଡ଼ିଶା ସରକାର ୩୩୦ କୋଟି ଟଙ୍କା ବିନିଯୋଗରେ ଏକାମ୍ର କ୍ଷେତ୍ରର ବିକାଶ ଏବଂ ୧୦୦୦ କୋଟି ଟଙ୍କା ବ୍ୟୟରେ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଭଳି ପ୍ରକଳ୍ପ ଓଡ଼ିଶାକୁ ଭାରତର ସାଂସ୍କୃତିକ ରାଜଧାନୀ ଭାବେ ପ୍ରତିଷ୍ଠା କରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହାସହ 'ଅରେଞ୍ଜ ଇକୋନୋମି' ବା ସଂସ୍କୃତି ଭିତ୍ତିକ ଅର୍ଥନୀତିକୁ ପ୍ରୋତ୍ସାହନ ଦେଇ ପର୍ଯ୍ୟଟନ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି କରିବା ତାଙ୍କ ସରକାରର ମୂଳ ଲକ୍ଷ୍ୟ। ପରିଶେଷରେ, ସର୍ଦ୍ଦାର ପଟେଲଙ୍କ ସାହସ ଓ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପାଥେୟ କରି ଏକ 'ସମୃଦ୍ଧ ଓଡ଼ିଶା' ଓ 'ବିକଶିତ ଭାରତ' ଗଠନ ପାଇଁ ସେ ସାଢେ ଚାରି କୋଟି ଓଡ଼ିଆଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀଯୁକ୍ତ ସୁରେଶ ପୂଜାରୀ ଯୋଗଦେଇ ଭାରତର ସାଂସ୍କୃତିକ ପୁନର୍ଜାଗରଣ ଏବଂ ଶୈବପୀଠଗୁଡ଼ିକର ମହିମା ଉପରେ ଆଲୋକପାତ କରିବା ସହ କହିଥିଲେ ଯେ ଭାରତର ଆତ୍ମସମ୍ମାନ ଯେତେବେଳେ ବିପଦରେ ଥିଲା, ସେତେବେଳେ ସୋମନାଥ ମନ୍ଦିର ଏକ ଆଲୋକ ବର୍ତ୍ତିକା ସଦୃଶ ଉଭା ହୋଇଥିଲା। ଆମ ମାଟିର ପ୍ରତିଟି ଶିଳାଖଣ୍ଡରେ ଇତିହାସ ଓ ଆତ୍ମବିଶ୍ୱାସ ଲୁଚି ରହିଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ଏକାମ୍ର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ଡ. ବିଜୟ କେତନ ଉପାଧ୍ୟାୟ ଏବଂ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ଋତୁରାଜ ପ୍ରମୁଖ ଉପସ୍ଥିତ ଥିଲେ।

### ଅନୁପ୍ରବେଶ ରୋକିବାକୁ ସିଏମ୍ ଶୁଭେନ୍ଦୁଙ୍କ ବଡ଼ ଆକ୍ସନ

## ଭାରତ-ବାଲାଂ ସୀମାରେ ଲାଗିବ ତାରବାଡ଼

### ପଶ୍ଚିମବଙ୍ଗ ସରକାରଙ୍କ କ୍ୟାବିନେଟରେ ନିଷ୍ପତ୍ତି



**କୋଲକାତା :** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ହେଉ ହେଉ ଆକ୍ସନ ମୋଡରେ ଶୁଭେନ୍ଦୁ ଅଧିକାରୀ । ସିଏମ୍ ହେବା ପରେ ବଡ଼ ନିଷ୍ପତ୍ତି ନେଇଛନ୍ତି ଶୁଭେନ୍ଦୁ ଅଧିକାରୀ। ଭାରତ ଏବଂ ବାଂଲାଦେଶ ସୀମାରେ ତାରବାଡ଼ ପାଇଁ ଜମି ଯୋଗାଇବାକୁ ଘୋଷଣା କରିଛନ୍ତି । ୪୫ ଦିନ ଭିତରେ ଜମି ଯୋଗାଇ ଦେବାକୁ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ । ୪୫ ଦିନ ଭିତରେ ସମଗ୍ର ଅଞ୍ଚଳ ବିଏସଏଫ ଅଧିନରେ ରହିବ । ୮୭୪ କିମି ଦୀର୍ଘ ସୀମାନ୍ତ ଏଯାବତ ତାରବାଡ଼ ହୋଇ ପାରିନଥିଲା । ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ଜମି ଦେଉ ନଥିବାରୁ ତାରବାଡ଼ ହୋଇପାରୁନଥିଲା । ଫଳରେ ବାଂଲାଦେଶ ପଟୁ ଦେଶକୁ ଅନୁପ୍ରବେଶ ମାତ୍ରା ଅଧିକ ହେଉଥିଲା । ବଡ଼ ନିଷ୍ପତ୍ତି ହେଉଛି ବାଂଲାଦେଶ ସୀମାରେ ଥିବା ଜମିକୁ ବିଏସଏଫକୁ ହସ୍ତାନ୍ତର କରାଯିବ ଯାହା ଦ୍ୱାରା ଏହା ସଠିକ୍ ଭାବରେ ବାଡ଼ ଦେଇପାରିବ। ଏହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସାହାଯ୍ୟ କରିବ। ବିଏସଏଫକୁ ଜମି ହସ୍ତାନ୍ତର ପ୍ରକ୍ରିୟା ସୋମବାର ଠାରୁ ଆରମ୍ଭ ହେବ । ପଶ୍ଚିମବଙ୍ଗର ପ୍ରଥମ ବିଜେପି ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି । ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କ ପ୍ରଥମ କ୍ୟାବିନେଟ୍ ବୈଠକରେ ବଡ଼ ନିଷ୍ପତ୍ତି ନିଆଯାଇଛି । ସେଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ । ପ୍ରଥମ ଏବଂ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହେଉଛି ବାଂଲାଦେଶ ସୀମାରେ ଥିବା ଜମିକୁ ବିଏସଫକୁ ହସ୍ତାନ୍ତର କରାଯିବ । ଯାହା ଦ୍ୱାରା ଏହା ସଠିକ୍ ଭାବରେ ବାଡ଼ ଦେଇପାରିବ । ଏହା ବାଂଲାଦେଶରୁ ଅନୁପ୍ରବେଶ ରୋକିବାରେ ସାହାଯ୍ୟ କରିବ । ଆଗାମୀ ୪୫ ଦିନରେ ଏହି ଜମି ହସ୍ତାନ୍ତର ସମାପ୍ତ ହେବ । ମୁଖ୍ୟମନ୍ତ୍ରୀ ଆହୁରି ଅନେକ କିଛି ଘୋଷଣା କରିଛନ୍ତି ଯାହା ତୁରନ୍ତ କାର୍ଯ୍ୟକାରୀ ହେବ । ଏଥି ମଧ୍ୟରୁ ଗୋଟିଏ ହେଉଛି ଆୟୁଷ୍ମାନ ଭାରତ ଯୋଜନା ବଙ୍ଗଳାରେ ଲାଗୁ କରାଯିବ । ମମତା ବାନାର୍ଜୀ ସରକାର ରାଜ୍ୟରେ ଏକି କେନ୍ଦ୍ରୀୟ ଯୋଜନା କାର୍ଯ୍ୟକାରୀ କରିନଥିଲେ । ଏହା ବାଦ୍ ସ୍କୁଲ, ଶିକ୍ଷକ ଚାକିରି ପାଇଁ ଆବେଦନକାରୀଙ୍କ ବୟସ ୫ ବର୍ଷ ବୃଦ୍ଧି କରାଯାଇଛି । ଗୃହମନ୍ତ୍ରୀ ଅମିତ୍ ଶାହ ନିର୍ବାଚନୀ ପ୍ରଚାର ସମୟରେ ଏହି ପ୍ରତିଶ୍ରୁତି ଦେଇଥିଲେ । ଶୁଭେନ୍ଦୁ ଅଧିକାରୀ ସରାକର ମଧ ରାଜ୍ୟରେ ଭାରତୀୟ ଦଣ୍ଡ ସଂହିତା ଲାଗୁ କରିଛନ୍ତି । ସେ କହିଛନ୍ତି, ଏହା ଯେ ପର୍ଯ୍ୟନ୍ତ ବଙ୍ଗଳାରେ ଲାଗୁ ହୋଇନାହିଁ ଏବଂ ଏହା ସମ୍ବିଧାନର ସିଧାସଳଖ ଉଲ୍ଲଂଘନ ।

### ଓଡ଼ଗାଁ ରେ ବୀଭତ୍ସ ହତ୍ୟା

## ଗୋଡ଼ାଇ ଗୋଡ଼ାଇ ଯୁବକଙ୍କୁ ହାଣିଲେ ଖଣି ମାଫିଆ

**ନୟାଗଡ଼ :** ବେଆଇନ ମାଙ୍କଡା ପଥର ବୋଝେଇ ଗାଡ଼ିକୁ ଅଟକାଇ ପୁଲିସକୁ ଖବର ଦେବାକୁ ଉଦ୍ୟମ କରୁଥିବା ଜଣେ ଯୁବକଙ୍କୁ ପଥର ମାଫିଆମାନେ ମୁଖ୍ୟ ରାସ୍ତାରେ ଆକ୍ରମଣ କରି ହତ୍ୟା କରିବା ସହ ଦୁଇ ହାତ କାଟି ଦେଇଛନ୍ତି । ମୃତ ଯୁବକ ଜଣକ ଓଡ଼ଗାଁ ଖେଳପଡ଼ିଆ ସାହିର ଅଜିତ କୁମାର ସାହୁ। ଅଜିତ, ବଜରଙ୍ଗଦଳର ଜଣେ ସକ୍ରିୟ କର୍ମୀ ଥିଲେ। ସେ ନିଜ ସାଙ୍ଗସାଥୀଙ୍କୁ ନେଇ ଅଞ୍ଚଳରେ ଗୋରକ୍ଷା ସହ ବିଭିନ୍ନ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରୁଥିଲେ । ପୂର୍ବରୁ ଅନେକ ଥର, ଅଜିତ ବେଆଇନ ମାଙ୍କଡାପଥରଗାଡ଼ି ଓ ଗୋଚାଲାଣ ଗାଡ଼ିଗୁଡ଼ିକୁ ଅଟକାଇ ପୁଲିସକୁ ସୂଚିତ କରିଛନ୍ତି। ଅଜିତଙ୍କ ଭୟରେ ମାଙ୍କଡ଼ାପଥର ଓ ଗୋ-ମାଫିଆଙ୍କ ବେପାର ମାନ୍ଦା ହୋଇ ଯାଇଥିଲା। ଏଣୁ ସେମାନେ ଅଜିତଙ୍କୁ ରାସ୍ତାରୁ ହଟାଇବାକୁ ଉଦ୍ୟମ କରୁଥିଲେ। ଗତକାଲି ରାତି ପ୍ରାୟ ସାଢେ ଦୁଇଟା ସମୟରେ, ଏକ ମାଙ୍କଡା ବୋଝେଇ ଟ୍ରକକୁ ସୁରକ୍ଷା ଦେଇ ଏକ କାରରେ ଦୁର୍ବୃତ୍ତମାନେ ମାରଣାସ୍ତ୍ରରେ ସଜ୍ଜିତ ହୋଇ ବାହାରିଥିଲେ । ଓଡ଼ଗାଁ ଥାନାଠାରୁ ମାତ୍ର ଦୁଇ କିମି ଦୂର ଓଡ଼ଗାଁ କଲେଜ ନିକଟ କଦଳୀବନ୍ଧ ଠାରେ ଅଜିତ ମାଙ୍କଡ଼ାପଥର ବୋଝେଇ ଗାଡ଼ିକୁ ଅଟକାଇଥିଲେ। ଏହି ସମୟରେ କାର ଭିତରୁ ପ୍ରାୟ ୬ଜଣ ଦୁର୍ବୃତ୍ତ ଖଣ୍ଡାକାତି ବାହାରି ଅଜିତକୁ ଚାରିପଟୁ ଘେରିଯାଇଥିଲେ। ସଂଘବଦ୍ଧ ଭାବେ ଆକ୍ରମଣ କରି ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଖଣ୍ଡା ଚୋଟରେ ଅଜିତଙ୍କ ବାମ ହାତର ପାପୁଲି ଛିଣ୍ଡି ଖଣ୍ଡେ ଦୂରରେ ପଡ଼ିଥିବା ବେଳେ ଡାହାଣ ହାତ ଭାଙ୍ଗି ଲଟକି ରହିଥିଲା। ଶରୀରର ବିଭିନ୍ନ ସ୍ଥାନରେ ଗଭୀର ଆଘାତ ଲାଗିଥିଲା । ଅଜିତଙ୍କ ସହ ଥିବା ବସନ୍ତ ପ୍ରଧାନ ଜୀବନ ବଞ୍ଚାଇ ଦୌଡ଼ି ଆସି ପୁଲିସକୁ ଖବର ଦେଇଥିଲେ। ତେବେ ପୁଲିସ କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିଲା। ଏତିକି ବେଳକୁ ଅଜିତଙ୍କ ମୃତ୍ୟୁ ହୋଇ ସାରିଥିଲା। ଦୁର୍ବୃତ୍ତମାନେ ସେଠାରୁ ଫେରାର ହୋଇସାରିଥିଲେ।

## ପୁଣି ଆରମ୍ଭ ହେଲା ରତ୍ନଭଣ୍ଡାର ଗଣତିମଣତି

- ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ପାଇଁ ଥିଲା ସ୍ଥଗିତ
- ୫ ଘଣ୍ଟା ର ଗଣତି ପ୍ରକ୍ରିୟା ପରେ ପ୍ରଥମ ଦିନର ଗଣତି କାର୍ଯ୍ୟ ଶେଷ
- ମେ' ମାସରେ ୯ ଦିନ ହେବ ରତ୍ନଭଣ୍ଡାର ଗଣତିମଣତି

**ପୁରୀ:** ପୁଣି ଥରେ ଆରମ୍ଭ ହୋଇଛି ବିଶ୍ୱ ନିଅନ୍ତାଙ୍କ ରତ୍ନ ଗଣତି । ସୋମବାର ଚଳନ୍ତି ରତ୍ନ ଭଣ୍ଡାରର ଗଣତି କାର୍ଯ୍ୟ ଆରମ୍ଭ ହୋଇଛି। ଜାନୀ ଯାତ୍ରା ଓ ନିତ୍ୟ ବ୍ୟବହୃତ ଅଳଙ୍କାର ଗୁଡିକର ହୋଇଛି ଓଜନ ଓ ଗଣତି। ପୂର୍ବ ସ୍ଥିରୀକୃତ ମାହେନ୍ଦ୍ର ବେଳା ଠିକ୍ ୧୨ ଟା ୯ ରେ ଭଣ୍ଡାର ଖୋଲି ଭିତରକୁ ଯାଇଥିଲେ ଟିମ୍ । ପ୍ରାୟ ୫ ଘଣ୍ଟା ର ଗଣତି ପ୍ରକ୍ରିୟା ପରେ ପ୍ରଥମ ଦିନର ଗଣତି କାର୍ଯ୍ୟ ଶେଷ ହୋଇଛି । ଭକ୍ତଙ୍କ ଆବେଗ ଓ ସରକାରଙ୍କ ମହତ୍ ଉଦ୍ଦେଶ୍ୟ ମଧ୍ୟରେ ରତ୍ନ ଅଳଙ୍କାର ମେଳକ ଆରମ୍ଭ ହୋଇଛି ପ୍ରକ୍ରିୟା । ଐତିହାସିକ ମୁହୂର୍ତ୍ତ ରେ ସିଂହଦ୍ୱାରରେ ସାଷ୍ଟାଙ୍ଗ ପ୍ରଣିପାତ କରି ଭିତରକୁ ଯାଇଥିଲେ ଟିମ୍ । ଆଜି ଠାରୁ ଆରମ୍ଭ ହୋଇଛି ରତ୍ନଭଣ୍ଡାର ଗଣତି ମଣତି। ପାରମ୍ପରିକ ପୋଷାକ ପରିଧାନ କରି ସକାଳ ୧୧.୧୭ ରେ ଶ୍ରୀମନ୍ଦିରକୁ ପ୍ରବେଶ କରିଥିଲେ ରତ୍ନଭଣ୍ଡାର ଗଣତି ମଣତି ପାଇଁ ଅଧିକୃତ ସଦସ୍ୟ । ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ଅଧ୍ୟକ୍ଷତାରେ ପତିତପାବନଙ୍କ ସମ୍ମୁଖରେ ସାଷ୍ଟାଙ୍ଗ ପ୍ରଣିପାତ କରି ଶ୍ରୀମନ୍ଦିର ଭିତରକୁ ଯାଇଥିଲା ଟିମ୍। ଠିକ୍ ଶୁଭ ବେଳା ମଧ୍ୟାହ୍ନ ୧୨.୦୯ ରେ ଆରମ୍ଭ ହୋଇଥିଲା ରତ୍ନଭଣ୍ଡାର ଗଣତି ମଣତି। ଶ୍ରୀମନ୍ଦିର ରତ୍ନ ଭଣ୍ଡାର ,ଦୁର୍ମୂଲ୍ୟ ରତ୍ନର ହୋଇଛି ମେଳକ । ସୁନା,ରୂପା ଓ ରତ୍ନକୁ ୩ ଭାଗରେ ପୃଥକ କରାଯାଇ ହୋଇଥିଲା ଗଣତି ମଣତି କାର୍ଯ୍ୟ । ଗଣତି ମଣତି ପାଇଁ ସୁପରଭାଇଜିଂ ଟିମ୍ ଓ ହ୍ୟାଣ୍ଡଲିଙ୍ଗ ଟିମ୍ ଗଠିତ ହୋଇଥିଲା । ହ୍ୟାଣ୍ଡଲିଙ୍ଗ ଟିମ୍ ର ସଦସ୍ୟ ଭଣ୍ଡାର ମେକାପ,ବଣିଆ ଓ ଜେମୋଲୋଜିଷ୍ଟ ଚଳନ୍ତି ଭଣ୍ଡାର ରେ କରିଥିଲେ ଗଣତି ମଣତି,ମେଳକ । କସଟି ପଥର ,ରତ୍ନ ଚିହ୍ନିବା ପାଇଁ ଲେନ୍ସ ,ଓ ଅଳଙ୍କାର ଓଜନ ମେସିନ୍ ସହ ଭିତରକୁ ଯାଇଥିଲେ ଶ୍ରୀମନ୍ଦିର ବଣିଆ ।ଫ୍ରିସ୍କିଂ ବା ଯାଞ୍ଚ କରି ଭିତରକୁ ସମସ୍ତ ଅଧିକୃତ ସଦସ୍ୟଙ୍କୁ ଛଡା ଯାଇଥିଲା । ମାଳି,ମୁଦି ଓ ଅନ୍ୟ କୌଣସି ବି ମେଟାଲ୍ସ ସାଙ୍ଗରେ ନନେବାକୁ ସ୍ୱାକ୍ଷର କରିବା ସହ ଗୋପନୀୟତା ରଖିବାକୁ ଟିମ୍ ସଦସ୍ୟ ମାନେ ଶପଥ ନେଇଥିଲେ । ଫଟୋଗ୍ରାଫି ,ଭିଡ଼ିଓଗ୍ରାଫି ଓ ୩ ଡ଼ି ମ୍ୟାପିଂ ସହ ଅତ୍ୟନ୍ତ ସ୍ୱଚ୍ଛତା ଓ କଡା ସୁରକ୍ଷା ମଧ୍ୟରେ ହୋଇଥିଲା ରତ୍ନଭଣ୍ଡାର ଗଣତି ମଣତି ।ଚଳନ୍ତି ଭଣ୍ଡାରରେ ଥିବା ମହାପ୍ରଭୁଙ୍କ ସୁନାବେଶ ରେ ବ୍ୟବହୃତ ଶ୍ରୀଭୂଜ, ଶ୍ରୀପୟର, କିରୀଟ, ଆଡକାନି, ଘାଗଡ଼ା ମାଳି,ହରିଡ଼ା ମାଳି ଇତ୍ୟାଦିର ହୋଇଛି ଗଣତି ମଣତି ।ରତ୍ନ ଗଣତି ସମୟରେ ଭିତର କାଠ ଦର୍ଶନ ବନ୍ଦ୍ ରହିଥିଲା । ବାହାର କାଠରୁ ଭକ୍ତ କରିଥିଲେ ଦର୍ଶନ । ପାରମ୍ପରିକ ବେଶ ପରିଧାନ କରି ଭିତରକୁ ଯାଇଥିଲେ ଅଧିକୃତ ଟିମ୍ । ସ୍ୱଚ୍ଛତା,ସୁରକ୍ଷା ଓ ଡିଜିଟାଲ ରେକର୍ଡ କୁ ଦିଆଯାଇଥିଲା ଫୋକସ ।ପ୍ରଥମ ଦିନରେ ଚଳନ୍ତି ଭଣ୍ଡାର ଗଣତି କାର୍ଯ୍ୟ ହୋଇଥିବା ବେଳେ ଚଳନ୍ତି ଭଣ୍ଡାରରେ ୨୯୯ ଭରିର ୮ ପ୍ରକାର ର ସୁନା, ୨୬୦୦ ଭରିର ୨୩ ପ୍ରକାରର ରୂପା ଅଳଙ୍କାର ରହିଛି । ଏସ ଓ ପି ଅନୁଯାୟୀ ସରକାରୀ ବ୍ୟାଙ୍କର ବଣିଆ,ରତ୍ନ ବିଶାରଦ ଓ ଆର ବି ଆଇ ଅଧିକାରୀ ରହିଥିଲେ । ମାଇନସ ଆଣ୍ଡ ଜିଓ ଲୋଜିଷ୍ଟ୍ ର ୩ ଅଧିକାରୀ ଓ ଓଜନ ମାପ ବିଭାଗର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ ।ତିନିଟି ଟେବୁଲ୍ ଉପରେ ଅଲଗା ଅଲଗା ରତ୍ନ ରଖାଯାଇ ଗଣତି କରାଯାଇଥିଲା। ସୁନା,ରୂପା ଓ ରତ୍ନ କୁ ହଳଦିଆ, ଧଳା ଓ ନାଲି ଭେଲଭେଟ କପଡ଼ାରେ ରଖାଯାଇ ମଣତି ହୋଇଥିଲା। ମାଜିଷ୍ଟ୍ରେଟ୍ ଙ୍କ ଉପସ୍ଥିତିରେ ପ୍ରକ୍ରିୟା ସରିବା ପରେ ପୁନଶ୍ଚ ବନ୍ଦ୍ କରି ତାଲା ପକାଯାଇଥିଲା । ଅନ୍ୟପଟରେ ମେ ମାସରେ ଶ୍ରୀ ଜଗନ୍ନାଥ ମନ୍ଦିର ରତ୍ନଭଣ୍ଡାରର ଗଣତି କାର୍ଯ୍ୟକ୍ରମ ନିମନ୍ତେ ୯ ଦିନ ଧାର୍ଯ୍ୟ କରାଯାଇଛି। ୧୧ ତାରିଖ ସୋମବାର ରତ୍ନଭଣ୍ଡାର ଗଣତି ମଣତି କରାଯାଇଥିଲା। ସେହିପରି ୧୨ ତାରିଖ ମଙ୍ଗଳବାର ଗଣତି ମଣତି କରାଯିବ। ଏହା ବ୍ୟତୀତ ଅନ୍ୟ ୭ ଦିନ ଏହି ଗଣତି କାର୍ଯ୍ୟକ୍ରମ କରାଯିବ। ଆଜି ଶ୍ରୀମନ୍ଦିର ପ୍ରଶାସନର ବୈଠକରେ ନିଆଯାଇଥିବା ନିଷ୍ପତ୍ତି ଅନୁସାରେ ମେ ମାସର ୧୯, ୨୧, ୨୩, ୨୬, ୨୮, ୨୯ ଓ ୩୦ ତାରିଖରେ ଗଣତି ହେବ। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି।

### ଭ୍ୟାନ୍-ବାଇକ ଧକ୍କା: ଚାଲିଗଲା ୨ ଜୀବନ, ଜଣ ଗୁରୁତର

**ସମ୍ବଲପୁର :** ସମ୍ବଲପୁର ଜିଲା ମହୁଲପାଲି ଥାନା କୁସୁମୀ ପେଟ୍ରୋଲ ପମ୍ପ ନିକଟରେ ଏକ ପିକଅପ୍ ଭ୍ୟାନ ଏବଂ ବାଇକ୍ ମଧ୍ୟରେ ଧକ୍କା ହୋଇଛି। ଦୁର୍ଘଟଣାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗୋଟିଏ ବାଇକ୍‌ରେ ୩ଜଣ ଯାଉଥିଲେ। ହେଲେ କୁସୁମୀ ପେଟ୍ରୋଲ ପମ୍ପ ନିକଟରେ ପିକଅପ୍ ଭ୍ୟାନ ଏବଂ ବାଇକ୍ ମଧ୍ୟରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କୁ ହସ୍ପିଟାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି।



### ଭାରତକୁ ମାଡ଼ିଆସୁଛି ତୈଳସଙ୍କଟ !

## ୨୪ ଘଣ୍ଟାରେ ଦୁଇଥର ଦେଶବାସୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଅପିଲ୍

### ୱାର୍କ ଫ୍ରମ୍ ହୋମ୍, ଅନ୍ ଲାଇନ୍ କ୍ଲାସକୁ ଗୁରୁତ୍ୱ ଏବଂ ପବ୍ଲିକ ଟ୍ରାନ୍ସପୋର୍ଟ ବ୍ୟବହାର କରନ୍ତୁ



**ନୂଆଦିଲ୍ଲୀ :** ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଆମେରିକା ମଧ୍ୟରେ ବଢୁଥିବା ଉତ୍ତେଜନାର ପ୍ରଭାବ ଏବେ ବିଶ୍ୱ ଅର୍ଥନୀତି ଉପରେ ସ୍ପଷ୍ଟ ଭାବରେ ଦେଖାଯାଉଛି। ଏହା ଭାରତ ଉପରେ ମଧ୍ୟ ପ୍ରଭାବ ପକାଇପାରେ। ଏହି ପରିପ୍ରେକ୍ଷୀରେ, ଗୁଜରାଟର ଭଦୋଦରାରେ ସର୍ଦ୍ଦାର ଧାମ ଛାତ୍ରାବାସର ଉଦଘାଟନ ସମୟରେ ନରେନ୍ଦ୍ର ମୋଦି ନାଗରିକମାନଙ୍କୁ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ଘଣ୍ଟା ମଧ୍ୟରେ ଦୁଇଥର ଦେଶବାସୀଙ୍କୁ ଏହି ନିବେଦନ କରିଛନ୍ତି। ରାଲିକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ବିଦେଶରୁ ଆମଦାନି ହେଉଥିବା ଉତ୍ପାଦର ବ୍ୟବହାର ହ୍ରାସ କରିବା ପାଇଁ ଏବଂ ବିଦେଶୀ ମୁଦ୍ରା ଆବଶ୍ୟକ କରୁଥିବା ବ୍ୟକ୍ତିଗତ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସମସ୍ତ ପ୍ରକାରର ପ୍ରୟାସ, ଛୋଟ ହେଉ କି ବଡ଼, କରାଯିବା ଉଚିତ। ସୋମବାର ସନ୍ଧ୍ୟାରେ ଭଦୋଦରାରେ ଏକ ରାଲିରେ ପ୍ରଧାନମନ୍ତ୍ରୀ ମୋଦି ସୂଚାଇ ଦେଇଥିଲେ ଯେ ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଲୋକମାନେ ଛୋଟ କିନ୍ତୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ ଉଚିତ। ସେ ପେଟ୍ରୋଲ ଏବଂ ଡିଜେଲ ବ୍ୟବହାର ହ୍ରାସ କରିବା, କାରପୁଲିଂ ଗ୍ରହଣ କରିବା, ଘରୁ କାମ ଏବଂ ଭର୍ଚୁଆଲ୍ ବୈଠକକୁ ଉତ୍ସାହିତ କରିବା ପାଇଁ ଆହ୍ୱାନ କରିଥିଲେ ଏବଂ ସ୍କୁଲଗୁଡ଼ିକୁ ଅନଲାଇନ୍ କ୍ଲାସ ପରିଚାଳନା କରିବାକୁ ଅପିଲ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, ମୁଁ ପ୍ରତ୍ୟେକ ନାଗରିକଙ୍କୁ ଆବେଦନ କରୁଛି ଯେ ସେମାନେ ଯଥା ସମ୍ଭବ ପେଟ୍ରୋଲ ଏବଂ ଡିଜେଲର ବ୍ୟବହାର ହ୍ରାସ କରନ୍ତୁ ଏବଂ ସାର୍ବଜନୀନ ପରିବହନ ବ୍ୟବହାର କରନ୍ତୁ। ଯେଉଁମାନଙ୍କ ପାଖରେ କାର ଅଛି ସେମାନେ ଗାଡିରେ ଅଧିକ ଲୋକଙ୍କୁ ନେଇ ସାଙ୍ଗରେ ଯାଆନ୍ତୁ। ସେ କହିଛନ୍ତି ଖାଇବା ତେଲ ଆମଦାନୀ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିମାଣର ବିଦେଶୀ ମୁଦ୍ରା ବ୍ୟବହାର କରେ। ତେଣୁ 'ଭୋକାଲ ଫର ଲୋକାଲ୍' ବର୍ତ୍ତମାନ ସମୟର ଆବଶ୍ୟକତା।' ବିଦେଶୀ ଉତ୍ପାଦ ବଦଳରେ ଲୋକଲ ଜିନିଷ ଆପଣନ୍ତୁ। ଆପଣଙ୍କ ଗାଁ, ସହର, ଆପଣଙ୍କ ଦେଶର ଉଦ୍ୟୋଗୀମାନଙ୍କୁ ସଶକ୍ତ କରନ୍ତୁ। ଆମକୁ ଆମଦାନୀ ହେଉଥିବା ଉତ୍ପାଦର ବ୍ୟବହାର ହ୍ରାସ କରିବା ଏବଂ ବିଦେଶୀ ମୁଦ୍ରା ବ୍ୟବହାର କରୁଥିବା ବ୍ୟକ୍ତିଗତ କାର୍ଯ୍ୟକଳାପକୁ ଏଡାଇବା ପାଇଁ ସବୁପ୍ରକାର ପ୍ରୟାସ କରିବାକୁ ପଡିବ ବୋଲି କହିଛନ୍ତି। ଆର୍ଥିକ ଚାପକୁ ଦୃଷ୍ଟିରେ ରଖି, ପ୍ରଧାନମନ୍ତ୍ରୀ ମୋଦି ଲୋକମାନଙ୍କୁ ସୁନା ନକିଣିବାକୁ କହିଛନ୍ତି। ବିଦେଶୀ ଉତ୍ପାଦ ବଦଳରେ ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ଗୁରୁତ୍ୱ ଦେଇଥିଲେ। ଏହା ସହ ଚାଷୀମାନଙ୍କୁ ରାସାୟନିକ ସାର ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ପ୍ରାକୃତିକ କୃଷି ଗ୍ରହଣ କରିବାକୁ ମଧ୍ୟ ଅପିଲ କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଗତ କିଛି ବର୍ଷ ଧରି ବିଶ୍ୱ ଏକାଧିକ ସଙ୍କଟର ସମ୍ମୁଖୀନ ହେଉଛି। ପ୍ରଥମେ, କୋଭିଡ-୧୯ ମହାମାରୀ, ତା'ପରେ ଆର୍ଥିକ ଅସ୍ଥିରତା ଏବଂ ଏବେ ପଶ୍ଚିମ ଏସିଆରେ ବଢୁଥିବା ଯୁଦ୍ଧ। ତାଙ୍କ ମତରେ, ଯଦି କରୋନା ଭାଇରସ୍ ଏହି ଶତାବ୍ଦୀର ସବୁଠାରୁ ବଡ଼ ସଙ୍କଟ, ତେବେ ପଶ୍ଚିମ ଏସିଆରେ ବର୍ତ୍ତମାନର ସଂଘର୍ଷ ଏହି ଦଶନ୍ଧିର ସବୁଠାରୁ ବଡ଼ ସଙ୍କଟ ମଧ୍ୟରୁ ଗୋଟିଏ ହୋଇପାରେ। ପିଏମ୍ ମୋଦି ବିଶ୍ୱାସ ପ୍ରକାଶ କରିଛନ୍ତି ଯେ, ଯେଉଁ ଭଳି ଆମ ଦେଶ କରୋନା ଭାଇରସ୍ ମହାମାରୀ ସହିତ ଲଢ଼ିଛି, ସେହିପରି ଏହି ଚ୍ୟାଲେଞ୍ଜକୁ ମଧ୍ୟ ଦୂର କରାଯାଇପାରିବ। ସାଧାରଣ ଲୋକଙ୍କ ଉପରେ ବିଶ୍ୱ ପରିସ୍ଥିତିର ପ୍ରଭାବକୁ ହ୍ରାସ କରିବା ପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତା ଏକ ପ୍ରକାର ସ୍ପଷ୍ଟ କରୁଛି ଯେ, ବିଶ୍ୱ ସଙ୍କଟର ଏହି ସମୟରେ, ସତର୍କତା, ସଞ୍ଚୟ ଏବଂ ଆତ୍ମନିର୍ଭରଶୀଳତା ସର୍ବୋତ୍ତମ ସମର୍ଥନ ହୋଇପାରେ। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ମଧ୍ୟ ରବିବାର ତେଲେଙ୍ଗାନାରେ ଏକ ସାଧାରଣ ରାଲିକୁ ସମ୍ବୋଧିତ କରି ଦେଶ ସ୍ୱାର୍ଥ ପାଇଁ ଗୋଟିଏ ବର୍ଷ ପାଇଁ ସୁନା କିଣିବାରୁ ନିବୃତ୍ତ ରହିବାକୁ ଅପିଲ୍ କରିଥିଲେ। ସେ ବିଶ୍ୱରେ ଚାଲିଥିବା ଯୁଦ୍ଧର ପ୍ରଭାବ ବିଷୟରେ ଆଲୋଚନା କରି କହିଥିଲେ, ବିଶ୍ୱ ସଂଘର୍ଷ ଭାରତ ଉପରେ ଗମ୍ଭୀର ପ୍ରଭାବ ପକାଉଛି।

## ସମ୍ପାଦକୀୟ

# ନିମ୍ନଗାମୀ ନକ୍ସଲଧାରା

ବେଙ୍ଗଲର ନକ୍ସଲବାରୀରୁ ଆରମ୍ଭ ହୋଇଥିବା ଏହି ଦୁର୍ଦ୍ଦାନ୍ତ ପ୍ରକ୍ରିୟା ଆଜି ବି ଜାରି ରହିଛି । ଯାହା ବହୁବର୍ଷ ପୂର୍ବରୁ ନକ୍ସଲବାରୀରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଧୀରେ ଧୀରେ ଭାରତରେ ତା'ର କାୟା ବିସ୍ତାର କରିବାରେ ଲାଗିଛି । ଏବେ ଭାରତରେ ମାଓବାଦୀଙ୍କ ସଂଖ୍ୟା ସଠିକ୍ ଭାବରେ କେତେ, ତାହା କେନ୍ଦ୍ର ଗୃହବିଭାଗ ମନ୍ତ୍ରୀ ବି ଏଭଳି ପ୍ରଶ୍ନର ଉତ୍ତର ଦେଇପାରିବେ ନାହିଁ । ଆମକୁ ଏଥିପାଇଁ ଗୁଗୁଲ୍‌ର ସାହାରା ନେବାକୁ ପଡ଼ିବ । ଆଉ ଗୁଗୁଲ୍‌ର ରିପୋର୍ଟ ଯାହା କହୁଛି ଭାରତର ପଶ୍ଚିମବଙ୍ଗରୁ ଆରମ୍ଭ ହୋଇଥିବା, ସ୍ଥାନୀୟ ନକ୍ସଲବାରୀରୁ ଆରମ୍ଭ ହୋଇଥିବା ଏହି କୁଖ୍ୟାତ କାର୍ଯ୍ୟକ୍ରମ ଏବେ ଭାରତରେ ବେଶ୍ ଭଲଭାବେ ତା'ର କାୟା ବିସ୍ତାର କରିବାରେ ଲାଗିଛି । ଆଗକୁ ଆହୁରି ବି କାୟା ବିସ୍ତାର କରିପାରେ । ବେଙ୍ଗଲର ନକ୍ସଲବାରୀରୁ ଆରମ୍ଭ ହୋଇଥିବା ଏହି ଦୁର୍ଦ୍ଦାନ୍ତ ପ୍ରକ୍ରିୟା ଆଜି ବି ଜାରି ରହିଛି । ଯାହା ବହୁବର୍ଷ ପୂର୍ବରୁ ନକ୍ସଲବାରୀରୁ ଆରମ୍ଭ ହୋଇଥିବା ଏହି ପ୍ରକ୍ରିୟା ଧୀରେ ଧୀରେ ଭାରତରେ ତା'ର କାୟା ବିସ୍ତାର କରିବାରେ ଲାଗିଛି । ଯାହାହେଉ ଆମର ମାନ୍ୟବର କେନ୍ଦ୍ରମନ୍ତ୍ରୀ ଅମିତ୍ ଶାହ ଆଜିର ଦିନରେ ଏକ ବଡ଼ ଶପଥ ନେଇଛନ୍ତି । ଭାରତରେ ପ୍ରାୟ ଦୁଇହଜାର ଦୁଇ ମସିହାରୁ ମାଓବାଦର କୁଆରମ୍ଭ ହୋଇଛି । ପରେ ପରେ ମାଓବାଦ ଏବଂ ନକ୍ସଲବାଦ ଏକାକାର ହୋଇ ଭାରତରେ ତାଙ୍କର ଫେଙ୍କଚାମୀ ତଥା ଫାଜିଲାମୀ ଆରମ୍ଭ କରିଥିଲେ । ଯାହା ଧୀରେ ଧୀରେ ଆଗାମୀ ସମୟରେ ଏତେ ପରିମାଣରେ ବୃଦ୍ଧିପାଇଗଲା, ଯାହା କି ସମଗ୍ର ଭାରତବର୍ଷ ପାଇଁ ଚିନ୍ତାର କାରଣ ପାଲଟିଗଲା । ଏଭଳି ଚିନ୍ତା ଯାହା ଫଳରେ ସରକାରଙ୍କ ମୁଣ୍ଡ ଦିନ୍ଧି ଉଠିଲା । ପରେ ପରେ ସରକାରଙ୍କ ମୁଣ୍ଡ ବିଗିଡ଼ିଗଲା । ହେଲେ ପରେ ପରେ ଯେବେ ସରକାରଙ୍କ ମୁଣ୍ଡ ଗରମ ହୋଇଗଲା, ସେବେ ସରକାର କିନ୍ତୁ ଆଉ ସମ୍ଭଳ ପଡ଼ିଲେ ନାହିଁ । ସରକାର ସେବେ ଆଉ ସମ୍ଭଳ ପଡ଼ିଲେ ନାହିଁ, ଯେବେ ସରକାରଙ୍କ କାନରେ ବାରମ୍ବାର ମାଓବାଦୀଙ୍କ ବର୍ବର କାଣ୍ଡ ତାଙ୍କ କାନରେ ପଡ଼ିଲା । କେବେ ମହାରାଷ୍ଟ୍ରରେ ତ ଆଉ କେବେ ଆନ୍ଧ୍ର ପ୍ରଦେଶରେ ତ ଆଉ କେବେ ଓଡ଼ିଶାରେ କେବେ ନକ୍ସଲପନ୍ଥୀ ତ ଆଉ କେବେ ମାଓବାଦୀ ସେମାନଙ୍କ ବର୍ବର କାଣ୍ଡ ଭିଆଇ ଯେବେ ରାଜ୍ୟର ତଥା ଦେଶର ସୁରକ୍ଷା ଦାୟିତ୍ୱରେ ଥିବା ମିଲିଟାରୀ ବିଭାଗର ବୀର ଯୋଦ୍ଧା ଭାଇମାନଙ୍କୁ ଅଥବା ରାଜ୍ୟ ତଥା ଦେଶର ସାମାଜିକ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ୍ ଭାଇମାନଙ୍କୁ ନିହତ କରି ଯେବେ ମାଓବାଦୀ ତଥା ସନ୍ତ୍ରାସବାଦୀ ହାତରେ ବନ୍ଧୁକ ଆଦି ମାରଣାସ୍ତ୍ର ଧରି ସେମାନଙ୍କର ବିକଳ ଅଟ୍ଟହାସ୍ୟ କରୁଥିଲେ, ସେବେ ରାଜ୍ୟ ସରକାର ତଥା କେନ୍ଦ୍ର ସରକାରଙ୍କ ମନରେ ଭାରି ଯନ୍ତ୍ରଣା ଅନୁଭବ କରୁଥିଲେ । ହେଲେ ଆଉ ନୁହେଁ; ଏବେ କିନ୍ତୁ କେନ୍ଦ୍ର ସରକାର ଭାରି କସସ୍ ହୋଇଗଲେଣି । ଭାରି ସାବଧାନ ହୋଇଗଲେଣି । ଭାରି ସତର୍କ ତଥା ସଂଯତ ହୋଇଗଲେଣି । ହେଲେ ତା' ଭିତରେ ଭାରି ସଶକ୍ତ ମଧ୍ୟ ହୋଇଗଲେଣି । ଏବେ ଆଉ ସେମାନଙ୍କୁ କ୍ଷମା ନାହିଁ । ଏବେ ଆଉ ମାଓବାଦୀ ତଥା ସନ୍ତ୍ରାସବାଦୀମାନଙ୍କୁ କ୍ଷମା ନାହିଁ । କାରଣ ସେମାନେ ହେଉଛନ୍ତି ଉଗ୍ରବାଦୀ । ସେମାନେ ହେଉଛନ୍ତି ବରବାଦୀ ଯାହାଙ୍କ ପାଇଁ କୌଣସି ବି ଅଭିଧାନରେ କ୍ଷମା ନାହିଁ । କେନ୍ଦ୍ର ସରକାର ବା ସେମାନଙ୍କୁ କେମିତି ବା କ୍ଷମା ଦିଅନ୍ତେ । ଏଣୁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଭାଇ ଶାହା ଭାରତର ସୁରକ୍ଷା ବିଭାଗକୁ, ଦେଶର ପୋଲିସ୍ ବିଭାଗକୁ ଶକ୍ତ ନିର୍ଦ୍ଦେଶ ଜାରି କରିଦେଇଚନ୍ତି । ଭାରତର ଗଳି କନ୍ଦିରେ ଲୁଚି ଛପି ରହିଥିବା ଦେଶର ଉଗ୍ରବାଦୀମାନଙ୍କୁ ଖୋଜି ଖୋଜି ମାରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି । ଏବଂ ସେମାନଙ୍କୁ ଦେଖିଲା ମାତ୍ରେ ଗୁଳି କରିବାକୁ ନିର୍ଦ୍ଦେଶ ଦେଇସାରିଛନ୍ତି । ତା'ସହିତ ଆଉ ଗୋଟେ ପାଦ ଆଗକୁ ଯାଇ କେନ୍ଦ୍ରମନ୍ତ୍ରୀ ଆଉ ଗୋଟେ ନିର୍ଦ୍ଦେଶ ମଧ୍ୟ ଜାରି କରିଛନ୍ତି । ଏବେ ବୋଧହୁଏ ସେହି ଛାନିଆରେ ଏବେ ଭାରତର ଏକ ଟପ୍ ମାଓ ଲିଡର ଭୂପତି ଯାହା ନାମରେ ପ୍ରାୟ ଛ' କୋଟି ଟଙ୍କାର ଇନାମ୍ ଥିଲା, ତାହାର ଦଳବଳ ସହିତ ପୋଲିସ୍ ପାଖରେ କରିଛି ଆତ୍ମସମର୍ପଣ । ଯାହାହେଉ ଏହାଦ୍ୱାରା ସରକାରଙ୍କ କାମ ଟିକିଏ କୋହଳ ହୋଇଯାଇଛି । ତେବେ ସରକାରଙ୍କ ପାତାଳରେ ଲୁଚିଲେ ବି ସେମାନଙ୍କୁ ଖୋଜି ଖୋଜି ବାହାର କରିବାକୁ ଦେଇଥିବା କଡ଼ା ନିର୍ଦ୍ଦେଶ ହୁଏତ କାମ କରିଛି । ଭାରତର ସୁରକ୍ଷା ଦାୟିତ୍ୱରେ ଥିବା ଦେଶର ବୀର ଯବାନ୍ ତଥା ଦେଶର ବୀର ଯବାନ୍ ତଥା ଦେଶର ଆଭ୍ୟନ୍ତରୀଣ ଦାୟିତ୍ୱରେ ଥିବା ଭାରତର ପୋଲିସ୍ ଭାଇମାନଙ୍କୁ ମଧ୍ୟ କଡ଼ା ନିର୍ଦ୍ଦେଶ ଦେଇସାରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଭାଇ ଶାହା । ବହୁ ଆଗରୁ ସେପରି ନିର୍ଦ୍ଦେଶ ଦେଇସାରିଛନ୍ତି ସେ । ଭାରତର ବୀର ଯବାନ୍ ମଧ୍ୟ ସେ ଦିଗରେ କଡ଼ା ପଦକ୍ଷେପ ନେଇସାରିଛନ୍ତି । ଭାରତର ପୋଲିସ୍ ଭାଇମାନେ ମଧ୍ୟ ସେ ଦିଗରେ କଡ଼ା ପଦକ୍ଷେପ ନେବାରେ କେବେ ବି ଅବହେଳା କରୁନାହାଁନ୍ତି । ଦେଶର ବୀର ଯବାନ୍ ଭାରତର କୋଣ ଅନୁକୋଣରେ ଲୁଚି ରହିଥିବା ଲୁଚି ରହିଥିବା ସମାଜର କଳଙ୍କ ସଦୃଶ ସେହି ମାଓବାଦୀଙ୍କୁ ନିପାତ କରିବା ପାଇଁ କେନ୍ଦ୍ର ସରକାର ଏବେ ବଦ୍ଧ ପରିକର ।

## ଅସଲୀ ହୀରା

ବିଭୁଦତ୍ତ ମହାଶୟ ଜଣେ ବଣିକ ଥିଲେ ଏବଂ ଦ୍ୱିତୀୟ° ଗୁରୁଦତ୍ତମହାଶୟ କିନ୍ତୁ ଥିଲେ ଜଣେ ସାଧାରଣ ମଣିଷ । ପ୍ରଥମ ଦତ୍ତ ମହାଶୟ ବିଭୁଦ କିନ୍ତୁ ପ୍ରଥମରୁ ଥିଲେ ଜଣେ ଅସାଧାରଣ ମଣିଷ ଥିଲେ । ଜୀବନ ସଂଘର୍ଷରେ କିନ୍ତୁ ପଛରେ ପଡ଼ିଯାଇଥିଲେ ଗୁରୁଦ । ଧନ ସମ୍ପଦ ମାମଲାରେ କିନ୍ତୁ ପଛରେ ପଡ଼ିଯାଇଥିଲେ ସେ । ତାଙ୍କର ଆର୍ଥିକ ସ୍ଥିତି କିନ୍ତୁ ସେତେ ଭଲ ନ ଥିଲା । ତେବେ ଗୁରୁଦତ୍ତ ଏବଂ ପ୍ରଭୁଦତ୍ତଙ୍କ ମଧ୍ୟରେ ସମ୍ପର୍କ ଯଦିଓ ସେତେ ଭଲ ନ ଥିଲା, ସେମାନଙ୍କ ପତ୍ନୀଙ୍କ ମଧ୍ୟରେ କିନ୍ତୁ ସମ୍ପର୍କ ଅତି ଘନିଷ୍ଠ ଥିଲା । ଥରେ ବିଭୁଦତ୍ତ ତାଙ୍କ ପତ୍ନୀଙ୍କ ବେକରେ ହୀରାହାରଟିଏ ପକାଇଦେଲେ । ସେ ଯେବେ ତାଙ୍କର ବାନ୍ଧବୀ ଗୁରୁଦତ୍ତଙ୍କ ପତ୍ନୀଙ୍କ ପାଖକୁ ଆସିଲେ , ଗୁରୁଦତ୍ତଙ୍କ ପତ୍ନୀ କିନ୍ତୁ ସେହି ହାରଟିଏ ଦେଖି ଯେତିକି ଖୁସି ହେଲେ ବାନ୍ଧବୀଙ୍କ ବେକରେ ଝଲମଲ ହୋଇ ଝଟକୁଥିବା ସେହି ହାରଟା କିନ୍ତୁ ତାଙ୍କ ମନରେ ଅଧିକ ଦୁଃଖ ଦେଇଥିଲା । ବାନ୍ଧବୀଙ୍କ ବେକରେ ଥିଲେ କି ହେବ ? ତାଙ୍କ ବେକରେ ତ ନାହିଁ ଏଣୁ ସେପାଇଁ ତାଙ୍କ ମନରେ ଭାରି ଦୁଃଖ । କ'ଣ ବା ସେ କରିବେ ? ବିଚାରୀ ମନ ଦୁଃଖରେ ଘରେ ବସିଲେ ମନମାରି । ସ୍ୱାମୀଙ୍କ ବାରମ୍ବାର ପଚାରିବା ଫଳରେ ପତ୍ନୀ ମହାଶୟା ଯାହା କହିଲେ ସେଥିରେ ତାଙ୍କ ସ୍ୱାମୀ ପ୍ରଥମରୁ ଅରାଜି ଥିଲେ ହେଁ ପତ୍ନୀର ମନ ରଖିବାକୁ ଯାଇ ପରେ ପରେ ଯେବେ ଦୋକାନ ଯାଇ ସେହି ହୀରା ହାରର ମୂଲ୍ୟ ବିଷୟରେ ପଚାରି ବୁଝିଲେ, ସେଥିରେ ତାଙ୍କର ମନ ମରିଗଲା । ତଥାପି ସାହସ ବାନ୍ଧି ସେ ହାରଟା କିଣିବା ପାଇଁ ମନସ୍ଥ କଲା ଏବଂ ବିଭିନ୍ନ ସୂତ୍ରରୁ ଅର୍ଥ ସଂଗ୍ରହ କରି ଶେଷରେ ହାରଟା କିଣି ତା'ର ଧର୍ମ ପତ୍ନୀର ବେକରେ ସେହିଭଳି ହାରଟା ଆଣି ପକାଇଦେଲା । ପତ୍ନ ତ ଖୁସି ହୋଇଗଲା ହେଲେ ସ୍ୱାମୀ କିନ୍ତୁ ଖୁସି ନ ଥିଲା କାରଣ ବହୁତ ଗୁଡ଼ିଏ ପଇସାପତ୍ର ଧାର ଉଦ୍ଧାର କରି ସେ ବିଚରା ଫସିଯାଇଥିଲା । ଋଣଭାରରେ ପସିଯାଇଥିବା ଗୁରୁଦତ୍ତ କିନ୍ତୁ ଦିନରାତି ଏକ କରି ସେହି ଟଙ୍କା ଶୁଝିବା ପାଇଁ ସର୍ବଦା ତା'ର ଉଦ୍ୟମ ଜାରି ରଖିଥିଲା । ଏମିତିରେ ତା'ର ଶରୀର ଖରାପ ହୋଇଯାଇଥିଲା । ଶେଷରେ ତା'ର ଧର୍ମପତ୍ନୀ ତା'ର ସେହି ହାରଟା ବନ୍ଧା ପକାଇ ସେଥିରୁ କିଛି ଟଙ୍କା ସଂଗ୍ରହ କରି ତା'ର ସ୍ୱାମୀର ଦେହ ଭଲ କରିବାକୁ ଚେଷ୍ଟା କରି ତା'ର ପ୍ରକୃତ ପ୍ରେମର ଉଦାହରଣ ଦେଇଥିଲା ଏବଂ ପ୍ରମାଣ କରିଥିଲା ଯେ ହୀରା ହାର ନୁହେଁ, ତା'ର ସ୍ୱାମୀ ହିଁ ପ୍ରକୃତ ହୀରା ।

# ଗଣତନ୍ତ୍ର ବଦଳରେ ଧନତନ୍ତ୍ର

ଅଧ୍ୟାପକ ଗୋପବନ୍ଧୁ

ଗଣତନ୍ତ୍ର ଏକ ସ୍ୱଚ୍ଛ ଓ ନ୍ୟାୟପୂର୍ଣ୍ଣ ଚେତନାରୁ ଜାତ ମାନବୀୟ ବ୍ୟବସ୍ଥା । ଯେଉଁ ବ୍ୟବସ୍ଥା ଅନିୟନ୍ତ୍ରିତ ସଂଖ୍ୟାଧିକ ମତ ବା ସମର୍ଥନ ଉପରେ ନିର୍ଭରଶୀଳ । ସାମାଜିକ ଜୀବନରେ ମଧ୍ୟ ଏହା ପ୍ରତିଫଳିତ ହୁଏ । ସଂଖ୍ୟାଧିକ ଲୋକ ଯେଉଁ ବିଷୟକୁ ସମର୍ଥନ କରନ୍ତି ତାହା ସର୍ବମାନ୍ୟ ସାମାଜିକ ନିୟମ ହୁଏ । ତେବେ ଗଣତନ୍ତ୍ର ଶବ୍ଦକୁ ଶାସନ ବ୍ୟବସ୍ଥାର ସର୍ବୋତ୍କୃଷ୍ଟ ମାଧ୍ୟମ ଭାବେ ବ୍ୟବହାର କରାଯାଏ । ଆଧୁନିକ ରାଜନୀତିର ଏହା ସର୍ବାଦୃତ ଶାସନ ବ୍ୟବସ୍ଥା । ରାଜନୀତିରେ ଏହା ସଂଖ୍ୟାଧିକର ଶାସନ ବ୍ୟବସ୍ଥାକୁ ବୁଝାଏ । ଏହି ସଂଖ୍ୟାଧିକ ଆକଳନରେ ବ୍ୟକ୍ତିର ମୁକ୍ତ ଓ ସ୍ୱେଚ୍ଛାକୃତ ସମର୍ଥନ ରହିବା ଆବଶ୍ୟକ । ସଂଖ୍ୟାଧିକତାର ପ୍ରଦର୍ଶନ ପାଇଁ ବ୍ୟକ୍ତି ଉପରେ ଚାପ ପ୍ରୟୋଗ ଅଥବା ପ୍ରଲୋଭନ ଆଦୌ ସୁସ୍ଥ ଗଣତାନ୍ତ୍ରିକ ପ୍ରକ୍ରିୟା ନୁହେଁ । ବ୍ୟକ୍ତିଙ୍କୁ ଭୟଭୀତ କରାଇ ସମର୍ଥନ ଯୋଗାଡ କରିବା କିମ୍ବା ପ୍ରଲୋଭନ ଦେଇ ସମର୍ଥନ ହାସଲ କରିବା ଗଣତାନ୍ତ୍ରିକ ଆଧାର ନୁହେଁ । ଏପରି କ୍ଷେତ୍ରରେ ବ୍ୟକ୍ତି ନିଜ ବିବେକ ମୁତାବକ ନିଜ ମତକୁ ଉପସ୍ଥାପନ କରିପାରେ ନାହିଁ ।

ଭାରତୀୟ ଗଣତନ୍ତ୍ରରେ କ୍ରମେ ଅର୍ଥର ପ୍ରଭାବ ବଢ଼ିବାରେ ଲାଗିଛି । ଏ କଥା ସମସ୍ତଙ୍କୁ ଜଣା ଯେ ନିର୍ବାଚନ ଆୟୋଗ ପ୍ରାର୍ଥୀଙ୍କ ସର୍ବୋଚ୍ଚ ଖର୍ଚ୍ଚ ସୀମା ଯାହା ନିର୍ଦ୍ଧାରଣ କରିଛନ୍ତି ତାଠାରୁ ବହୁ ଅଧିକ ପରିମାଣର ଟଙ୍କା ଖର୍ଚ୍ଚ କରାଯାଉଛି । ବିପୁଳ ପରିମାଣର କଳା ଟଙ୍କା ବ୍ୟବହାର ହେଉଛି । ଏହି ଟଙ୍କା ମୁଖ୍ୟତଃ ଭୋଟର ମାନଙ୍କୁ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହେଉଛି । ପ୍ରଲୋଭନ ଭୋଜିଭାତ ଆୟୋଜନ, ଉପହାର ପ୍ରଦାନ ଅଥବା ମଦମାଂସ ଆପ୍ୟାୟନ ମଧ୍ୟରେ ସୀମିତ ନୁହେଁ । ଏବେ ସିଧାସଳଖ ମୁଣ୍ଡପିଛା ଅର୍ଥ ବଣ୍ଟନକୁ କଥା ଆସିଯାଇଛି । ଦେଶରେ ଅବାଧ ଓ ପ୍ରଲୋଭନ ମୁକ୍ତ ନିର୍ବାଚନ ଆୟୋଜନର ବ୍ୟବସ୍ଥା ରହିଛି । ଏହାର ତଦାରଖ ପାଇଁ ପ୍ରଶାସନ ବିଭାଗକୁ ତତ୍ପର ରଖାଯାଏ । ତଥାପି ଆଢୁଆଳରେ ସବୁକିଛି ଚାଲେ । ଏଦିଗରେ ପ୍ରଶାସନ କଣବା କରିପାରିବେ ନାଗରିକମାନେ ଯଦି ସଚେତନ ନହୁଅନ୍ତି ଓ ଏପରି କାର୍ଯ୍ୟକୁ ପ୍ରତିହତ କରିବା ପାଇଁ ଆଗଭର ନହୁଅନ୍ତି । ଏ ପ୍ରକ୍ରିୟାକୁ ରୋକିବା ପାଇଁ ମିଳିତ ଉଦ୍ୟମ ଲୋଡ଼ା । ଏବେତ ଅବସ୍ଥା ଆହୁରି ସଙ୍ଗୀନ, ନିର୍ବାଚନ ସମୟରେ ରାଜ୍ୟସରକାରମାନେ ବିଭିନ୍ନ ଯୋଜନା ମାଧ୍ୟମରେ ଟଙ୍କା ବାଣ୍ଟୁଛନ୍ତି ।

ଦେଖାଯାଉଛି ଦେଶର ରାଜନୈତିକ ବ୍ୟବସ୍ଥା କ୍ରମେ ପୁଞ୍ଜିପତିମାନଙ୍କ ହାତକୁ ଚାଲିଯାଉଛି । ଶାସନ ବ୍ୟବସ୍ଥାକୁ ନିଜ ଅନୁକୂଳ କରିବା ପାଇଁ ଏମାନେ ବିପୁଳ ପରିମାଣର ଅଘୋଷିତ ଚାନ୍ଦା ରାଜନୈତିକ ଦଳମାନଙ୍କୁ ଦିଅନ୍ତି । ଏହା ସହିତ ବିଭିନ୍ନ ସୂତ୍ରରୁ ଆସୁଥିବା କଳାଟଙ୍କା ମଧ୍ୟ ନିର୍ବାଚନରେ ନିୟୋଜିତ ହୁଏ । ଏ ସମସ୍ତ ଟଙ୍କା ଭୋଟରମାନଙ୍କୁ ବିଭିନ୍ନ ଆଳରେ ପ୍ରଲୋଭିତ କରିବା ପାଇଁ ବ୍ୟବହାର ହୁଏ । ଠାଏଁ ଠାଏଁ ଭୋଜି ଦିଆଯାଏ, ମଦମାଂସ ବଣ୍ଟାଯାଏ, ବିଭିନ୍ନ ପ୍ରକାର ଜିନିଷ ବିତରଣ କରାଯାଏ, ଶେଷରେ ନିର୍ବାଚନ ପୂର୍ବ ରାତିରେ ମୁଣ୍ଡ ଗଣତିରେ ଟଙ୍କା ବଣ୍ଟାଯାଏ । ଅତୀତରେ ଏହା ଏକ ହଜାରରୁ ଦୁଇ ହଜାର ଟଙ୍କା ମଧ୍ୟରେ ଥିଲା । ଆଗାମୀ ନିର୍ବାଚନରେ ଏହା କେତେ ବଢୁଛି ଦେଖିବାକୁ ହେବ । ଯେଉଁମାନେ ରାଜନୈତିକ ଦଳମାନଙ୍କୁ ଏତେ ପରିମାଣରେ ଚାନ୍ଦା ଉଭୟ ଘୋଷିତ ଓ ଅଘୋଷିତଭାବେ ଦିଅନ୍ତି, ସେମାନେ ଏହା ମନକୁ ଦିଅନ୍ତି ନାହିଁ । ବଦଳରେ ସେମାନେ ନିର୍ବାଚନ ପରେ ତାଙ୍କ ଅନୁକୂଳ କିଛି ଲାଭଦାୟକ ଯୋଜନା ଆଶା କରନ୍ତି । ସେମାନେ ସରକାରଙ୍କଠାରୁ ଅନୁକମ୍ପା ଲାଭ କରିବାକୁ ଚେଷ୍ଟା କରନ୍ତି । ତାଙ୍କ ଟଙ୍କାରେ ନିର୍ବାଚନ ଲଢ଼ିଥିବା ସରକାର ଓ ପ୍ରାର୍ଥୀମାନେ ତାଙ୍କ କଥା ମୁତାବକ ଏପରି କରିବାକୁ ବାଧ୍ୟ ହୁଅନ୍ତି । ଫଳରେ ରାଜନୈତିକ ଛତ୍ରଛାୟା ତଳେ ପୁଞ୍ଜିବାଦ ବଢୁଛି । ଖୁବ୍ ଶୀଘ୍ର ଏହା ଗଣତନ୍ତ୍ରକୁ ଗ୍ରାସ କରାଯିବାର ସମ୍ଭାବନା ରହିଛି ।

ନିର୍ବାଚନ ଏବେ ଏତେ ଖର୍ଚ୍ଚବହୁଳ ହୋଇଯାଇଛି ଯେ ଆର୍ଥିକଭାବେ ଦୁର୍ବଳ ଲୋକମାନେ ପ୍ରତିଦ୍ୱନ୍ଦିତା କରିବା ସମ୍ଭବପର ନୁହେଁ । ଏବେ ସଂଖ୍ୟାଧିକ କୋଟିପତି ଲୋକପ୍ରତିନିଧି ହେଉଥିବାର ଦେଖାଯାଉଛି । ଓଡ଼ିଶାରେ ୧୦୭ ଜଣ କୋଟିପତି ବିଧାୟକ ବନିଛନ୍ତି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ର ସଂସଦରେ ମଧ୍ୟ ସମାନ ଅବସ୍ଥା । କାରଣ ଏମାନେ ନିର୍ବାଚନରେ ବିପୁଳ ପରିମାଣର ଅର୍ଥ ବ୍ୟୟ କରିପାରନ୍ତି । ଏମାନଙ୍କୁ ବିଭିନ୍ନ ରାଜନୈତିକ ଦଳରୁ ଟିକେଟ ମିଳେ । ଅନ୍ୟ ପକ୍ଷରେ ରାଜନୈତିକ ଦଳମାନେ ସେହି ଲୋକମାନଙ୍କୁ ଟିକେଟ ଦିଅନ୍ତି ଯେଉଁମାନଙ୍କ ନିକଟରେ ଟଙ୍କା ଅଛି । ଦେଖାଯାଉଛି ଆମ ଗଣତନ୍ତ୍ର କ୍ରମେ ଏକତରଫା ଭାବେ ଧନୀମାନଙ୍କ ହାତକୁ ଚାଲିଯାଉଛି । ଜଣେ ଗରୀବ ଲୋକର ରାଜନୈତିକ ପ୍ରତିଦ୍ୱନ୍ଦିତାରେ କୌଣସି ସ୍ଥାନ ନାହିଁ । ସେ କେବଳ ଭୋଟଦେବ । ପ୍ରତିନିଧିତ୍ୱ କରିବାର କ୍ଷମତା ତା ପାଖରେ ନାହିଁ । ଗଣତନ୍ତ୍ର ଏପରି ଏକ ଶାସନ ବ୍ୟବସ୍ଥା ଯାହା ସମସ୍ତଙ୍କୁ ପ୍ରତିନିଧିତ୍ୱ କରିବାର ସୁଯୋଗ ଦିଏ । କିନ୍ତୁ ଦେଖାଯାଉଛି ପ୍ରଚଳିତ ବ୍ୟବସ୍ଥା ଧନୀକ ବର୍ଗ ପାଇଁ ଅନୁକୂଳ ହେଇଛି ଏବଂ ଗରିବଙ୍କ ପାଇଁ ପ୍ରତିକୂଳ ।

ଏବେ ଗଣତନ୍ତ୍ରକୁ ଧନତନ୍ତ୍ର ଗ୍ରାସ କରିବାକୁ ବସିଛି । ଗଣତନ୍ତ୍ରର ମୂଳ ଆଧାର ବିବେକାନୁମୋଦିତ ସମର୍ଥନ ଲୋପ ପାଉଛି । ବିବେକ ସ୍ଥାନରେ ପ୍ରଲୋଭନ ଅନୁମୋଦିତ ସମର୍ଥନ ଆସିଯାଇଛି । ଯିଏ ଅଧିକ ଦେବ ତାକୁ ସମର୍ଥନ ଅବସ୍ଥା ଆସିଯାଇଛି । ତେବେ ସମସ୍ତେ ଯେ ପ୍ରଲୋଭନର ବଶବର୍ତ୍ତୀ ହୋଇ ଭୋଟ ଦିଅନ୍ତି ଏହା ସତ୍ୟ ନୁହେଁ । ଏବେବି ଅନେକ ନାଗରିକ ଅଛନ୍ତି ଯେଉଁମାନେ ନିଜ ଆକଳନରେ, ନିଜ ବିବେକର ଡାକରାରେ ଭୋଟ ଦିଅନ୍ତି । ଆମ ଗଣତନ୍ତ୍ରକୁ ପ୍ରଲୋଭନ ମୁକ୍ତ ନକଲେ କ୍ରମେ ଏହା ବିପଦର କାରଣ ହେବ । ଗଣତନ୍ତ୍ର ସ୍ଥାନରେ ଧନତନ୍ତ୍ର ସ୍ଥାପିତ ହେବ । କେବଳ ଧନୀମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ ଓ ଗରିବମାନେ କେବଳ ଭୋଟ ଦେବାରେ ସୀମିତ ରହିଯିବେ । ଭୋଟଦାତାମାନଙ୍କୁ ପ୍ରଲୋଭିତ କରିବା ପାଇଁ ବିପୁଳ ଟଙ୍କାର ଆବଶ୍ୟକତା ପଡୁଛି । ଟଙ୍କାର ବହୁଳ ପ୍ରୟୋଗ ନିରପେକ୍ଷ ନିର୍ବାଚନ ପାଇଁ ବିପଦ । ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ ।

ଅନେକ ରାଷ୍ଟ୍ରରେ ପ୍ରାର୍ଥୀମାନଙ୍କ ନିର୍ବାଚନ ଖର୍ଚ୍ଚ ସରକାର ବହନ କରନ୍ତି । ଭାରତବର୍ଷରେ ମଧ୍ୟ ଏପରି ପ୍ରସ୍ତାବ ଆଗରୁ ଆସିଛି । ଏଥିପାଇଁ ପ୍ରଚାର ପ୍ରକ୍ରିୟାରେ ପରିବର୍ତ୍ତନ ଲୋଡା । ଏବେ ପ୍ରାର୍ଥୀମାନେ ମନଇଚ୍ଛା ବେନର ଲଗାଇବା, ପୋଷ୍ଟର ଲଗାଇବା, ପ୍ରଚାର ପତ୍ର ବାଣ୍ଟିବା, କାନ୍ଥରେ ଲେଖିବା, ସଭା ସମିତିର ଆୟୋଜନ କରିବା ଇତ୍ୟାଦି ଉପରେ ଲଗାମ ଲାଗିବା ଉଚିତ । ଏ ସମସ୍ତ କାର୍ଯ୍ୟ ନିର୍ବାଚନ ଆୟୋଗ ବହନ କରିବା ଉଚିତ୍ । ବିଭିନ୍ନ ସ୍ଥାନରେ ପ୍ରାର୍ଥୀମାନଙ୍କ ସାମୂହିକ ବେନର, ଅର୍ଥାତ ସମସ୍ତଙ୍କ ଫୋଟ ଓ ନାମ ଥାଇ ଗୋଟିଏ ବେନର ମାରିବା, ସମସ୍ତଙ୍କୁ ନେଇ ଗୋଟିଏ ବିତର୍କ ସଭାର ଆୟୋଜନ କରିବା, କିଏ କଣ କରିବାକୁ ଚାହୁଁଛନ୍ତି ଏହାକୁ ଜଣାଇବା ପାଇଁ ଜଣେ ପ୍ରାର୍ଥୀଙ୍କ ଗୋଟିଏ ପ୍ରଚାରପତ୍ର ଛାପିବା ଏବଂ ଯାତାୟତ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସମସ୍ତଙ୍କୁ ସମାନ ଅର୍ଥ ପ୍ରଦାନ କରିବା, ଏହା ଛଡା ରାଜନୈତିକ ଉଦ୍ଦେଶ୍ୟରେ ଅୟୋଜିତ ଭୋଜିଭାତ, ମଦମାଂସ, ଦାନଉପହାର ସର୍ବୋପରି ଟଙ୍କା ବଣ୍ଟନକୁ ଦୃଢ଼ଭାବେ ନିୟନ୍ତ୍ରଣ କରାଯିବା ଉଚିତ୍ । ଏକ ଶୁଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥା ପ୍ରତିଷ୍ଠା କରିବା ପାଇଁ ସମସ୍ତ ମହଲରୁ ଚେଷ୍ଟା ହେବା ଉଚିତ୍ ।

ପ୍ରକୃତ ଗଣତନ୍ତ୍ରକୁ ସ୍ଥାପନ କାରିବାକୁ ହେଲେ ଏଥିରେ ହେଉଥିବା ପ୍ରଚୁର ଅର୍ଥ କାରବାରକୁ ରୋକିବାକୁ ହେବ । ଆମ ଗଣତନ୍ତ୍ରକୁ ଅର୍ଥସର୍ବସ୍ୱ ପ୍ରଚାରମୁଖୀ ନକରି ବିତର୍କ ସର୍ବସ୍ୱ ଚେତନାମୁଖୀ କରିବାକୁ ହେବ । ନିର୍ବାଚନ ପ୍ରକ୍ରିୟାକୁ ଏପରି ତିଆରି କାରିବାକୁ ପଡିବ ଯେଉଁପରି ଜଣେ ଗରୀବ ଓ ପାରଦର୍ଶୀ ଲୋକ ସମତାଳ ଦେଇ ନିର୍ବାଚନ ଲଢି ପାରିବ । ବିଜ୍ଞ, ପାରଦର୍ଶୀ ଓ ପ୍ରତିଭାଶାଳୀ ଲୋକମାନେ ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ । ନିର୍ବାଚନରେ ଶ୍ରେଷ୍ଠତାର ଚୟନ ହେବ ।

ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦ ଦର୍ଶନ ବିଭାଗ (ଅବସରପ୍ରାପ୍ତ)

# ଦଣ୍ଡମୁକ୍ତ ନା ଦଣ୍ଡଯୁକ୍ତ ବିଦ୍ୟାଳୟ !

ଡ଼ ମନୋରଞ୍ଜନ ପ୍ରଧାନ

ବିଦ୍ୟାଳୟ ବା ଶିକ୍ଷାନୁଷ୍ଠାନ ଦଣ୍ଡମୁକ୍ତ ହେବା ଉଚିତ୍ କି ଦଣ୍ଡଯୁକ୍ତ ? ଏହି ପ୍ରଶ୍ନ ଅନେକଙ୍କ ମନରେ ଉଙ୍କି ମାରୁଛି ଏବଂ ଉତ୍ତର ମଧ୍ୟ ନିଜ ନିଜ ଢଙ୍ଗରେ ବିଭିନ୍ନ ଯୁକ୍ତି ମାଧ୍ୟମରେ ଉପସ୍ଥାପନ କରିଥାନ୍ତି । ମନୋବିଜ୍ଞାନୀମାନେ ବିଦ୍ୟାଳୟରେ ଗୁଡ଼ିକୁ ସଂପୂର୍ଣ୍ଣ ଦଣ୍ଡମୁକ୍ତ କରିବା ପାଇଁ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରୁଥିବା ବେଳେ ମାନବିକ ଅଧିକାର କର୍ମୀମାନେ ମାନବିକତାକୁ ଆଗରେ ରଖି ଏହାକୁ ସମର୍ଥନ କରନ୍ତି । ଆଇନ ଦୃଷ୍ଟିରୁ ବିଚାର କଲେ ବିଦ୍ୟାଳୟ ସଂପୂର୍ଣ୍ଣ ଦଣ୍ଡମୁକ୍ତ ହେବା ଉଚିତ୍ ଏବଂ ଶିକ୍ଷାର୍ଥୀମାନଙ୍କୁ କୌଣସି ପ୍ରକାରର ଶାରୀରିକ ଓ ମାନସିକ ଦଣ୍ଡ ବା ଯନ୍ତ୍ରଣା ଦେବା ଅପରାଧ । ସେଥିପାଇଁ ପ୍ରତି ବିଦ୍ୟାଳୟ କାନ୍ଥରେ ଟୋଲ୍ ଫ୍ରି ନମ୍ବର ଲେଖାଯାଇଛି । ଫଳତଃ ଦଣ୍ଡ ପାଇଥିବା ଯେକୌଣସି ଛାତ୍ର ବା ଛାତ୍ରୀ ସିଧାସଳଖ ନିଜର ଅଭିଯୋଗ ଦାଖଲ କରିପାରିବେ ।

ଭାରତୀୟ ସମ୍ବିଧାନ ଶିଶୁମାନଙ୍କୁ ଶାରୀରିକ ଏବଂ ମାନସିକ ଦଣ୍ଡ ଦିଆଯିବା ବିପକ୍ଷରେ ଦୃଢ଼ ସୁରକ୍ଷା ପ୍ରଦାନ କରେ । ସମ୍ବିଧାନର ଧାରା ୨୧ (ଜୀବନ ଏବଂ ସ୍ୱାଧୀନତା ଅଧିକାର) ଅନୁସାରେ ସୁପ୍ରିମକୋର୍ଟ ବାରମ୍ବାର କହିଛନ୍ତି ଯେ 'ଜୀବନର ଅଧିକାର' ମଧ୍ୟରେ ମାନବୀୟ ମର୍ଯ୍ୟାଦା ସହ ବଞ୍ଚିବାର ଅଧିକାର ଅନ୍ତର୍ଭୁକ୍ତ । ଶାରୀରିକ ଦଣ୍ଡକୁ ଏହି ମର୍ଯ୍ୟାଦାର ସିଧାସଳଖ ଉଲ୍ଲଂଘନ ଭାବେ ଦେଖାଯାଏ । ସେହିପରି ଧାରା ୨୧(ଏ) ଯାହାକି ଶିକ୍ଷାକୁ ମୌଳିକ ଅଧିକାରର ବୋଲି ଅଭିହିତ କରେ । ଏହି ଧାରା ୬-୧୪ ବର୍ଷ ବୟସର ପିଲାମାନଙ୍କ ପାଇଁ ମାଗଣା ଏବଂ ବାଧ୍ୟତାମୂଳକ ଶିକ୍ଷାର ସୁନିଶ୍ଚିତ କରେ । କିନ୍ତୁ ଆଇନ ବିଶେଷଜ୍ଞଙ୍କ ମତାନୁସାରେ, ଭୟ ଓ ଦଣ୍ଡରେ ପରିପୂର୍ଣ୍ଣ ବିଦ୍ୟାଳୟ ଏହି ଅଧିକାରରେ ବାଧା ସୃଷ୍ଟି କରେ ।

ସମ୍ବିଧାନର ରାଷ୍ଟ୍ରୀୟ ନିୟାମକ ନିର୍ଦ୍ଦେଶାବଳୀର ଧାରା ୩୯(ଇ) ଏବଂ (ଏଫ) ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଏ ଯେ ଶିଶୁମାନେ ଯେପରି ଶୋଷଣର ଶିକାର ନ ହୁଅନ୍ତି ଏବଂ ସେମାନଙ୍କୁ ସ୍ୱାଧୀନତା ଓ ମର୍ଯ୍ୟାଦାପୂର୍ଣ୍ଣ ପରିବେଶରେ ବିକାଶ କରିବାକୁ ସୁଯୋଗ ଦିଆଯିବ ତାହା ସୁନିଶ୍ଚିତ କରିବା ଉଚିତ୍ । ଅପରପକ୍ଷରେ, ଆଇନଗତ ସୁରକ୍ଷା ଦୃଷ୍ଟିରୁ ଶିକ୍ଷା ଅଧିକାର ଅଧିନିୟମ, ୨୦୦୯ ଶିଶୁମାନଙ୍କୁ ବିଦ୍ୟାଳୟ ପରିସରରେ ଯେକୌଣସି ଦଣ୍ଡବିଧାନକୁ ପ୍ରତ୍ୟାଖ୍ୟାନ କରେ । ଅଧିନିୟମର ଧାରା ୧୭(୧) ବିଦ୍ୟାଳୟରେ ଯେକୌଣସି ଶାରୀରିକ ଦଣ୍ଡ ଏବଂ ମାନସିକ ନିର୍ଯାତନାକୁ ସ୍ପଷ୍ଟ ଭାବେ ନିଷେଧ କରେ । ସେହିପରି ଧାରା ୧୭(୨) ଅନୁଯାୟୀ ଏହି ନିୟମ ଉଲ୍ଲଂଘନ କରୁଥିବା ଯେକୌଣସି ଶିକ୍ଷକ ବା ବିଦ୍ୟାଳୟ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଏ । ଅଧିକନ୍ତୁ, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ (Juvenile Justice Act) ର ଧାରା ୭୫ ଅନୁଯାୟୀ, ଶିଶୁକୁ ଅନାବଶ୍ୟକ ମାନସିକ କିମ୍ବା ଶାରୀରିକ ଯନ୍ତ୍ରଣା ଦେଉଥିବା ବ୍ୟକ୍ତିଙ୍କ ପାଇଁ କଠୋର କାରାଦଣ୍ଡ ଏବଂ ଜରିମାନାର ବ୍ୟବସ୍ଥା ରହିଛି ।

ଉପରୋକ୍ତ ସାମ୍ବିଧାନିକ ବିଧିବିଧାନ ଓ ଆଇନଗତ ବିଧି ବ୍ୟବସ୍ଥାକୁ ବିଶ୍ଲେଷଣ କଲେ ବିଦ୍ୟାଳୟରେ ଯେକୌଣସି ପ୍ରକାରର ଶାରୀରିକ ଓ ମାନସିକ ଦଣ୍ଡ ଦିଆଯିବା ସଂପୂର୍ଣ୍ଣ ଅସାମ୍ବିଧାନିକ, ଅଗଣତାନ୍ତ୍ରିକ ଓ ମାନବିକ ଅଧିକାରର ପରିପନ୍ଥୀ । କିନ୍ତୁ ଅନେକଙ୍କ ମତ କି ଏଭଳି ବିଧି ବ୍ୟବସ୍ଥା ହେତୁ ପିଲାମାନେ ଅନୁଶାସନହୀନ, ବିଶୃଙ୍ଖଳିତ ଓ ବିପଥଗାମୀ ହେଉଛନ୍ତି । ସେମାନଙ୍କ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତି ଭକ୍ତି ଓ ଭୟ ରହୁନାହିଁ । ଶିକ୍ଷଣ କାର୍ଯ୍ୟ ନକଲେ ମଧ୍ୟ ସେମାନଙ୍କୁ କିଛି କହି ହେଉ ନାହିଁ । ଯଦି ଅନୁଶାସନ ଦୃଷ୍ଟିରୁ କେହି ଆଖି ଦେଖେଇବାକୁ ଚେଷ୍ଟା କରେ ତେବେ ବିଦ୍ୟାଳୟ କାନ୍ଥର ହେଲ୍ପଲାଇନ ନମ୍ବର ଗୋଟିଏ ପ୍ରକାର ଧମକ ଦିଏ । ସର୍ବୋପରି ଶିକ୍ଷକ ଶିକ୍ଷୟିତ୍ରୀମାନେ ଏକ ପ୍ରକାର ଚାପରେ ରହନ୍ତି । ଏହାସହ ଯେକୌଣସି କାରଣ ହେଉନା କାହିଁକି ଆଜିକାଲିର ସ୍କୁଲ ପଢୁଆ ପିଲାମାନେ ତୁଳନାତ୍ମକ ଭାବରେ ଉଚ୍ଛୃଙ୍ଖଳିତ ଓ ବେପରୁଆ । ଏ ବିଷୟରେ ଲୋକମାନଙ୍କ ମତ ଜାଣିବା ପାଇଁ ସାମାଜିକ ଗଣମାଧ୍ୟମରେ ବ୍ୟକ୍ତିଗତ ଭାବେ ମତାମତ ଲୋଡିଥିଲି । ଅନେକ ଶିକ୍ଷକ ଶିକ୍ଷୟିତ୍ରୀ, ବୁଦ୍ଧିଜୀବୀ, ସାମ୍ବାଦିକ, ଅଧ୍ୟାପକ, ବ୍ୟବସାୟୀ, ସମାଜସେବୀ ତଥା ବିଭିନ୍ନ ବର୍ଗର ଲୋକ ସେମାନଙ୍କ ମତବ୍ୟକ୍ତ କରିଥିଲେ । ଯଦିଚ ସେମାନଙ୍କ ଠାରୁ ମିଶ୍ରିତ ପ୍ରତିକ୍ରିୟା ଆସିଥିଲା କିନ୍ତୁ ଅଧିକ ସଂଖ୍ୟକ ମତଦାତା ବିଦ୍ୟାଳୟ ଗୁଡିକୁ ଦଣ୍ଡମୁକ୍ତ ପରିବର୍ତ୍ତେ ଦଣ୍ଡଯୁକ୍ତ କରିବାକୁ ସକାରଣ ଯୁକ୍ତି ଦର୍ଶାଇ ଥିଲେ । ସେମାନଙ୍କ ମତରେ ପିଲାଙ୍କ ଅନୁଶାସନ ଓ ଶୃଙ୍ଖଳିତ ଆଚରଣ ନିମନ୍ତେ ଦଣ୍ଡ ଦିଆଯିବା ଜରୁରୀ କିନ୍ତୁ ତାହା କଠୋର ଓ ଅମାନବୀୟ ହେବା ଉଚିତ୍ ନୁହେଁ ।

ଏକଥା ସତ ଯେ ଶିକ୍ଷା ମନୋବିଜ୍ଞାନ ଅନୁଯାୟୀ, ଭୟ ହେଉଛି ଜିଜ୍ଞାସାର ଶତ୍ରୁ । ଯେତେବେଳେ ପିଲାମାନେ ଦଣ୍ଡ ଭୟରେ ରହନ୍ତି, ସେମାନଙ୍କର ମସ୍ତିଷ୍କ କେବଳ ସୁରକ୍ଷା ବିଷୟରେ ଚିନ୍ତା କରେ, ଯାହା ଶିକ୍ଷା ଗ୍ରହଣ ଏବଂ ସୃଜନଶୀଳ ଚିନ୍ତାଧାରାରେ ବାଧା ସୃଷ୍ଟି କରେ । ବେଳେବେଳେ ଏମିତି ଦୃଷ୍ଟାନ୍ତ ଲୋକଲୋଚନକୁ ଆସେ କି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅମାନବୀୟ ମାଡ଼ ହେତୁ କୋମଳମତି ଶିଶୁଟିର ମୃତ୍ୟୁ ହେବା ବା ଅତ୍ୟନ୍ତ ଡରି ଯାଇ ବିଦ୍ୟାଳୟ ଛାଡ଼ିଦେବା, ଇତ୍ୟାଦି । ଅବଶ୍ୟ ଏଭଳି ଦୃଷ୍ଟାନ୍ତ ହାତଗଣତି ହେଲେ ମଧ୍ୟ ନିନ୍ଦନୀୟ । କିନ୍ତୁ ସଂପୂର୍ଣ୍ଣ ଦଣ୍ଡମୁକ୍ତ ଯୋଗୁଁ ବିଦ୍ୟାଳୟଗୁଡିକରେ ବହୁ ଅପ୍ରିତୀକର ପରିସ୍ଥିତି ଦେଖିବାକୁ ମିଳୁଛି ଯାହାକି ସମାଜ ପାଇଁ ଅତ୍ୟନ୍ତ ଅଶୁଭ ସଙ୍କେତ । ଏଠାରେ ଗୋଟିଏ ବାସ୍ତବ ଉଦାହରଣ ଉପସ୍ଥାପନ କରୁଛି ଯାହାକି ଦୁଃଖଦାୟକ ।

ଗୋଟିଏ ବିଦ୍ୟାଳୟରେ ହଠାତ୍ ବ୍ୟାଗ୍ ଚେକିଙ୍ଗ୍ ସମୟରେ ପିଲାଙ୍କ ପାଖରୁ ଗୁଟଖା, ସିଗାରେଟ୍ ଭଳି ବିଭିନ୍ନ ମାଦକ ଦ୍ରବ୍ୟ ବାହାରିଲା । ସେହିପରି ଜଣେ ପିଲାଟିର ଅସ୍ୱାଭାବିକ ଆଚରଣ ଦେଖି ଯେତେବେଳେ ଏହାର କାରଣ ପଚରାଗଲା ପିଲାଟି ସ୍ପଷ୍ଟ ଭାବରେ କହିଲା- ସାର୍ ଭାଙ୍ଗ ଟିକେ ବେଶୀ ଖାଇ ଦେଇଛି । ଅର୍ଥାତ୍ ବିଦ୍ୟାଳୟ ପଢୁଆ ପିଲାମାନଙ୍କ ପାଖକୁ ମାଦକ ଦ୍ରବ୍ୟ ପହଁଚିଗଲାଣି । ତେବେ କୁହନ୍ତୁ ବିଦ୍ୟାଳୟ ପଢୁଆ ପିଲାମାନଙ୍କ ଏଭଳି କୁ-ଅଭ୍ୟାସ ପାଇଁ ଦାୟୀ କିଏ ? ଯଦି ବିଦ୍ୟାଳୟରେ ଅନୁଶାସନ ପାଇଁ ସାମାନ୍ୟ ଦଣ୍ଡବିଧାନର ବ୍ୟବସ୍ଥା ଥାଆନ୍ତା, ତେବେ ଏଭଳି ଅସାମାଜିକ କାର୍ଯ୍ୟକଳାପ ହ୍ରାସ ପାଇଥାନ୍ତା କି ? ଅବଶ୍ୟ ପ୍ରଶ୍ନ ଗୁଡିକର ଉତ୍ତର ଜଟିଳ ହେଲେ ମଧ୍ୟ କେବଳ ବିଦ୍ୟାଳୟ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଦୋଷ ଦେଇ ଖସିଗଲେ ଚଳିବ ନାହିଁ । ଘରେ ବହେ ପିଟୁଥିବା ବାପାମାଆ ଯେତେବେଳେ ବିଦ୍ୟାଳୟକୁ ଆସି ସାମାନ୍ୟ ତାଗିଦ୍ ପାଇଁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଗାଳିଗୁଲଜ କରିବା ସହ ଆଇନର ଧମକ ଦେବା ମଧ୍ୟ ଅନେକ ପରିମାଣରେ ଦାୟୀ । ଏହା ମଧ୍ୟ ସତ୍ୟ ଯେ ବିଦ୍ୟାଳୟ ଗୁଡିକରେ ନିୟମିତ ପିଲାମାନଙ୍କୁ ମନ ଓ ସାମର୍ଥ୍ୟ ଅନୁସାରେ ଯଦି ପାଠପଢ଼ା ହୁଅନ୍ତା ଏବଂ ସେମାନଙ୍କୁ ନିଜ ପୁଅଝିଅମାନଙ୍କ ଭଳି ସ୍ନେହମମତାର ଶିକୁଳିରେ ବାନ୍ଧିବାକୁ ପ୍ରୟନ୍ କରାଯାଆନ୍ତା, ତେବେ ବିଦ୍ୟାଳୟରେ ଏଭଳି ବିଶୃଙ୍ଖଳିତ ଆଚରଣର ମାତ୍ର କମ୍ ? ହୋଇପାରନ୍ତା । କିନ୍ତୁ ବିଦ୍ୟାଳୟଗୁଡିକରେ ସେଭଳି ବାତାବରଣ ନାହିଁ । ବିଦ୍ୟାଳୟରେ ଆଇନତଃ ଶିକ୍ଷକ ଶିକ୍ଷାର୍ଥୀ ଅନୁପାତ ନାହିଁ । ଗୋଟିଏ ଗୋଟିଏ ଶ୍ରେଣୀରେ ସଂଖ୍ୟାଧିକ ଛାତ୍ର ଛାତ୍ରୀ ବସିବାକୁ ବାଧ୍ୟ ହେଉଛି ଯାହା ଦ୍ୱାରା ଗୁଣାତ୍ମକ ଶିକ୍ଷା ସମ୍ଭବ ନୁହେଁ । ଗୁରୁ-ଛାତ୍ର ସମ୍ପର୍କ ଘୁଣ ଖାଇଗଲାଣି ଏବଂ କଳଙ୍କିତ ହୋଇଗଲାଣି । ଜଣେ ବୁଦ୍ଧିଜୀବୀ ମତଦାତା ବିଦ୍ୟାଳୟ ଦଣ୍ଡମୁକ୍ତ(ଯୁକ୍ତ) ହେବା ଉଚିତ୍ କି ସମ୍ବନ୍ଧରେ ମନ୍ତବ୍ୟ ଦେଇ କହନ୍ତି -ବିଦ୍ୟାଳୟରେ ଅନ୍ନ-ଛତ୍ର ଖୋଲି ଶିକ୍ଷା ପାଇଁ ଦଣ୍ଡ ଦେବା କି ନ ଦେବା ବିଚାର ଅର୍ଥହୀନ... ଅପର ପକ୍ଷରେ ଛାତ୍ର-ଛାତ୍ରୀଙ୍କ ଠାରୁ ଅନୁଦାନ ଗ୍ରହଣ କରି ପରିଚାଳିତ ବ୍ୟବସାୟ-ବ୍ୟବସ୍ଥାକୁ ଶିକ୍ଷାୟତନ ବୋଲି ବିଚାର କରିବା ମଧ୍ୟ ପ୍ରମାଦଶୂନ୍ୟ ନୁହେଁ ... ଏମିତି ଏକ ଶିକ୍ଷା ବ୍ୟବସ୍ଥା ଯାହା ଶିକ୍ଷାର୍ଥୀକୁ ସାମର୍ଥ୍ୟ ଯୋଗାଇବାରେ ଅସମର୍ଥ ସେ ବ୍ୟବସ୍ଥା ବଦଳିବା ଆବଶ୍ୟକ... ମାତା ସୀତାଙ୍କ ଅନ୍ୱେଷଣ ପାଇଁ ବାହାରିଥିବା ବାନର ସେନା ରକ୍ଷବିଳ ଗୁମ୍ଫା ଭିତରେ ବାଟ ହୁଡ଼ି ରହିଯିବା ଭଳି ଅବସ୍ଥା ହୁଏ ଆମ ଶିକ୍ଷା ବ୍ୟବସ୍ଥାରେ ପଶିଥିବା ଶିକ୍ଷାର୍ଥୀମାନଙ୍କର ... ସାଧ୍ୱୀ ସ୍ୱର୍ଣ୍ଣପ୍ରଭାଙ୍କ ଅପେକ୍ଷା ରହିଛି ... ସେ ହିଁ ହନୁମାନ ତଥା ବାନରସେନାଙ୍କୁ ସେହି ଆବର୍ତ୍ତୀ-ଗୁମ୍ଫା ଭିତରୁ ଠିକ ବାଟ ଦେଖାଇ ପାରିଥିଲେ । ଅର୍ଥାତ୍ ବ୍ୟକ୍ତି ଜଣକ ଶିକ୍ଷା ବ୍ୟବସ୍ଥା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

ସରଳ ଭାବରେ କହିଲେ ଗୋଟିଏ ପଟେ ବିଦ୍ୟାଳୟଗୁଡିକ ଶିକ୍ଷାଳୟ ବା ସଂସ୍କାର କେନ୍ଦ୍ର ଭାବରେ ମଣିଷ ଗଢ଼ିବା କଥା କିନ୍ତୁ ଆଜି ସେଭଳି ସ୍ତରରେ ନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ । ଅପରପକ୍ଷରେ, ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପେଷାଦାର ମନୋବୃତ୍ତି, ଉତ୍ତରଦାୟୀ ମନୋଭାବ ଓ ନିଷ୍ଠା ଧିରେ ଧିରେ କମିବାରେ ଲାଗିଥିବା ବେଳେ କମ୍ ସଂଖ୍ୟକ ଶିକ୍ଷକ ଓ ସେମାନଙ୍କ ସିଂହ ଭାଗ ସମୟ ଅଣ-ଶିକ୍ଷଣ କାର୍ଯ୍ୟରେ ନିୟୋଜିତ କରିବା ବିଦ୍ୟାଳୟ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଦେଲାଣି । ଏ ପରିପ୍ରେକ୍ଷୀରେ ଶିକ୍ଷକ ଶିକ୍ଷୟିତ୍ରୀମାନେ ପିଲାଙ୍କ ଭିତରେ ସଂସ୍କାର ଓ ଶୃଙ୍ଖଳା ଜ୍ଞାନର ବିକାଶ ପାଇଁ ସାମାନ୍ୟ ଦଣ୍ଡବିଧାନର ବ୍ୟବସ୍ଥା ରହିବା ଜରୂରୀ କିନ୍ତୁ ତାହା ପରିବାରର ପିତାମାତାଙ୍କ ଭଳି ହେବା ଉଚିତ୍ । ଅର୍ଥାତ୍ ବିଦ୍ୟାଳୟରେ ସିନା ଦଣ୍ଡ ଦିଆଯାଉ ନାହିଁ କିନ୍ତୁ ପିତାମାତାମାନେ ପିଲାଙ୍କୁ ଦଣ୍ଡ ଦେଉନାହାନ୍ତି କି ? ପିଲାଙ୍କୁ ଶୃଙ୍ଖଳିତ, ସଂସ୍କାରୀ ଓ କାର୍ଯ୍ୟ ଦକ୍ଷତାର ବୃଦ୍ଧି ପାଇଁ ନାଲି ଆଖି ଦେଖେଇଥାନ୍ତି ଏବଂ ଆବଶ୍ୟକସ୍ଥଳେ ଦୁଇ ପାହାର ଦେଇଥାନ୍ତି । ହେଲେ ମନ ଭିତରେ ଗଭୀର ସ୍ନେହ ଓ ଭଲପାଇବା ଥାଇ କେବଳ ବିଶୃଙ୍ଖଳିତ ଆଚରଣକୁ ରୋକ୍ ଲଗେଇବା ପାଇଁ ଏଭଳି କରିଥାନ୍ତି । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏଭଳି ଅଧିକାର ଦେଲେ ଯଥାର୍ଥ ହୁଅନ୍ତାନି କି ?

ଅର୍ଥାତ ଅହେତୁକ ଦଣ୍ଡ ବଦଳରେ 'ଯୌକ୍ତିକ ପରିଣାମ' (Logical Consequences) ବ୍ୟବସ୍ଥା ଆପଣାଇବା ପାଇଁ ଅନୁମତି ଦିଆଗଲେ କେମିତି ହୁଅନ୍ତା ଯାହାକି କେତେକ ବେସରକାରୀ ବିଦ୍ୟାଳୟରେ ଲୁଚାଛପା କରାଯାଏ । ଉଦାହରଣ ସ୍ୱରୂପ:ସମ୍ପତ୍ତି ନଷ୍ଟ ପାଇଁ ନିଲମ୍ବନ କରିବା ପରିବର୍ତ୍ତେ, ଛାତ୍ରଙ୍କୁ କ୍ୟାମ୍ପସର ମରାମତି ବା ଉନ୍ନତିମୂଳକ କାର୍ଯ୍ୟରେ ନିୟୋଜିତ କରିବା । ସେହିପରି ବ୍ୟବହାରିକ ସମସ୍ୟା ପାଇଁ ସର୍ବସାଧାରଣରେ ଅପମାନିତ କରିବା ପରିବର୍ତ୍ତେ, ପରାମର୍ଶ (Counseling) ମାଧ୍ୟମରେ ସେମାନଙ୍କୁ ନିଜର ଭୁଲ୍ ବୁଝାଇବା । ସତ କଥା କହିଲେ 'ଛାଟଖାଇଲେ ପାଠ ହେବ' ଲୋକୋକ୍ତିଟିର ଆବଶ୍ୟକତା ଆଜି ମଧ୍ୟ ରହିଛି ବୋଲି ମୋର ମତ । ପିଲାଙ୍କ ବିଶୃଙ୍ଖଳିତ ଆଚରଣ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅନେକ ମାନସିକ ଯନ୍ତ୍ରଣା ଦିଏ କିନ୍ତୁ ସେମାନେ ସବୁ ଦେଖି ଚୁପ୍ ରହିବା ଛଡା ଆଉ କିଛି ଉପାୟ ନାହିଁ । ଏପରି ସ୍ଥଳେ ସାଧାରଣ ଦଣ୍ଡ - ନାଲି ଆଖି ଦେଖେଇବେ, କାନ ମୋଡ଼ି ଦେବା, ଶିକ୍ଷଣ କାର୍ଯ୍ୟ ବାରମ୍ବାର ନକଲେ ଚୈ।କି ଭଳି କିଛି ସମୟ ବସେଇବା, କିଛି ଘଣ୍ଟା ପାଇଁ ସେ ପିଲା ସହ କଥା ନହେବା, ଇତ୍ୟାଦି ଦେବା ଦ୍ୱାରା ପିଲାମାନଙ୍କ ଭିତରେ ଦାୟିତ୍ୱବୋଧ ଓ ଭକ୍ତି ଯୁକ୍ତ ଭୟ ସୃଷ୍ଟି ହୁଅନ୍ତା ଯାହା ଆଜି ମଧ୍ୟ ଆମର ଅଛି । ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ତାଗିଦ୍ ଆଜି ମଧ୍ୟ ଆମକୁ ପ୍ରେରିତ କରୁଛି । କାରଣ ସେମାନଙ୍କ ଲକ୍ଷ୍ୟ ଥିଲା ଏପରି ନାଗରିକ ଗଢ଼ିବା ଯେଉଁମାନେ ଭୟରେ ନୁହେଁ, ବରଂ ସମ୍ମାନ ଏବଂ ସମବେଦନା ସହ ଶୃଙ୍ଖଳିତ ହେବେ । ତେଣୁ କଠୋର, ଅମାନବୀୟ ତଥା ପ୍ରତିଶୋଧ ପରାୟଣ ହୋଇ ବର୍ବୋରଚିତ ଦଣ୍ଡ ପରିବର୍ତ୍ତେ ପିତାମାତା ତଥା ଅଭିଭାବକମାନଙ୍କ ଭଳି ସ୍ନେହ ପୂର୍ଣ୍ଣ ଦଣ୍ଡ ବ୍ୟବସ୍ଥା ବିଦ୍ୟାଳୟଗୁଡିକରେ ଦିଆଯିବା ଉଚିତ୍ । ଆଚାର୍ଯ୍ୟ ଚାଣକ୍ୟଙ୍କ ମତର ଆଜି ମଧ୍ୟ ପ୍ରାସଙ୍ଗିକ ମନେହୁଏ-

ଲାଳୟେତ ପଞ୍ଚବର୍ଷାଣି ଦଶ ବର୍ଷାଣି ତାଡ଼ୟେତ୍ ।

ପ୍ରାପ୍ତେତୁ ଷୋଡ଼ଶ ବର୍ଷେ ପୁତ୍ରଂ ମିତ୍ର ବଦାଚରେତ୍ ।

୭୦୦୮୨୮୩୦୫୫

ପ୍ରତିଶବ୍ଦ TV

ଭୁବନେଶ୍ୱର, ୧୨ ମେ' ୨୦୨୬

# ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ ଅଧ୍ୟକ୍ଷାଙ୍କ ଗଞ୍ଜାମ ଗସ୍ତ

## ହିଞ୍ଜିଳିକାଟୁ ଅଞ୍ଚଳର ତିନି ବର୍ଷର ମାଆକୁ ହରେଇଥିବା ଶିଶୁର ସମସ୍ତ କଥା ବୁଝିଲେ



**ବ୍ରହ୍ମପୁର :** ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର, ସଦସ୍ୟା କସ୍ତୁରୀ ମିଶ୍ର ଓ ମନସ୍ମିତା ଖୁଣ୍ଟିଆ ଗଞ୍ଜାମ ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି ଉତ୍କଳ ବାଳାଶ୍ରମ, ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହା ବିଦ୍ୟାଳୟ ଏବଂ ହିଞ୍ଜିଳି ପୋଲିସ୍ ଷ୍ଟେସନ୍ ପରିଦର୍ଶନ କରିବା ସହିତ ବିଭିନ୍ନ ଦସ୍ତାବିଜ ଯାଞ୍ଚ କରିଥିଲେ । ଉତ୍କଳ ବାଳାଶ୍ରମରେ ଶିଶୁ ମାନଙ୍କ ରକ୍ଷଣାବେକ୍ଷଣ ଓ ଖାଦ୍ୟ ପାନୀୟର ମାନ ଯାଂଚ୍ କରିବା ସହିତ ନିକଟ ଅତୀତରେ ହିଞ୍ଜିଳିକାଟୁ ଅଞ୍ଚଳରେ ମାଆକୁ ହରେଇଥିବା ତିନି ବର୍ଷ ଶିଶୁର ସମସ୍ତ କଥା ପଚାରି ବୁଝିଥିଲେ । ଏହି ଶିଶୁ ବା ରାଜ୍ୟର ଯେ କୌଣସି ଶିଶୁ ସେମାନଙ୍କ ଅଧିକାରରୁ ଯେପରି ବଞ୍ଚିତ ନ ହୁଅନ୍ତି ଏବଂ ସେମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ପାଇଁ ସରକାର ସଦା ସଂକଳ୍ପବଦ୍ଧ ବୋଲି ସ୍ଥାନୀୟ ସର୍କିଟ ହାଉସ୍ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଧ୍ୟକ୍ଷା ଶ୍ରୀମତୀ ପାତ୍ର ପ୍ରକାଶ କରିଛନ୍ତି । ଦୁଇମାସ ମଧ୍ୟରେ ଯଦି ଶିଶୁକୁ ତାର ରକ୍ତ ସମ୍ପର୍କୀୟମାନେ ନ ନିଅନ୍ତି ତାହାହେଲେ ସରକାରୀ ନୀତି ନିୟମ ଅନୁପାଳନ ପୂର୍ବକ ଶିଶୁଟିକୁ କାରାକୁ ପ୍ରେରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହା ବିଦ୍ୟାଳୟ, ବ୍ରହ୍ମପୁରର ଏସ୍. ଏନ୍.ସି.ୟୁ., ମିକୁ, ମଦର କେୟାର ସେଣ୍ଟରରେ ଉପଲବ୍ଧ ସୁବିଧାକୁ ନେଇ ସଦସ୍ୟା ମାନେ ସନ୍ତୋଷ ବ୍ୟକ୍ତ କରିବା ସହିତ ଏହି ସବୁ ସ୍ଥାନରେ ଆବଶ୍ୟକ ହେଉଥିବା ଆହୁରି ଉନ୍ନତମାନର ସୁବିଧା ଓ ଭେଷଜ ମହାବିଦ୍ୟାଳୟରେ ଦେଖାଯାଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ଅଧ୍ୟକ୍ଷା ଶ୍ରୀମତୀ ପାତ୍ର କହିଛନ୍ତି । ଏହା ବ୍ୟତୀତ ସେମାନେ ବିଭିନ୍ନ ଇଟାଭାଟି ଓ ଛତୁଆ ସେଣ୍ଟରକୁ ଅପ୍ରତ୍ୟାଶିତ ଭାବରେ ଯାଇ ଇଟାଭାଟିରେ ଶିଶୁ ମାନେ କାମ କରୁଛନ୍ତି କି ନାହିଁ ସେ କଥା ଅନୁସନ୍ଧାନ କରିବା ସହିତ ଛତୁଆର ମାନ ଯାଂଚ୍ କରିଥିଲେ । ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାଶ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ରେଳ ମଣ୍ଡଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦେଲା ରେଳଯାତ୍ରୀ ସଂଘ

## କଳାହାଣ୍ଡିର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ଆଲୋଚନା

**ଭବାନୀପାଟଣା :** କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ରୋଡ୍‌ରୁ ଭବାନୀପାଟଣା ଦେଇ ଜୁନାଗଡ଼ ପର୍ଯ୍ୟନ୍ତ ରେଳ ସଂଯୋଗକୁ ଇତିମଧ୍ୟରେ ଦଶବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ ଏହି ରେଳପଥର ସମସ୍ୟା ଦୂର ହେଉନାହିଁ। ଏପରିକି ଯେଉଁ ରେଳ ଚଳାଚଳକୁ ନେଇ ଜିଲ୍ଲାବାସୀ ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ ରେଳ ବିଭାଗର ଅମନଯୋଗିତା ଯୋଗୁଁ ସେଇ ଲୋକଙ୍କ ଉତ୍ସାହ ଧିରେ ଧିରେ ମରିଯିବାକୁ ବସିଲାଣି। କାରଣ ଏହି ରେଳପଥ ଦେଇ ସିଧାସଳଖ ରାଜ୍ୟର ରାଜଧାନୀ ଭୁବନେଶ୍ୱରକୁ ସଂଯୋଗ କରୁଥିବା ଜୁନାଗଡ଼-ଭୁବନେଶ୍ୱର-ଜୁନାଗଡ଼ ଏକ୍ସପ୍ରେସ ଏବେ କେବଳ ଜୁନାଗଡ଼, ଭବାନୀପାଟଣା ଓ ଲାଞ୍ଜିଗଡ଼ ରୋଡ୍‌କୁ ବାଦ ଦେଲେ ଆଉ କେଉଁଠି ରହଣୀ କରୁନାହିଁ। ସେଥିମଧ୍ୟରୁ ଜିଲ୍ଲାର ସବୁଠୁ ଗୁରୁତ୍ୱପୂର୍ଣ୍ଣ ପାସେଞ୍ଜର ହଲଟ କୁହାଯାଉଥିବା ରାମଚନ୍ଦ୍ରପୁରଠାରେ କୋଭିଡ ସମୟରୁ ଏହାର ରହଣୀ ବନ୍ଦ କରିଦିଆଯାଇଥିବାରୁ ଲାଞ୍ଜିଗଡ଼, ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ସମେତ ସଦର ବ୍ଲକର ଲକ୍ଷାଧିକ ଲୋକେ ପ୍ରଭାବିତ ହୋଇଛନ୍ତି। ଅଞ୍ଚଳର ଲାଇଫ ଲାଇନ କୁହାଯାଉଥିବା ଏହି ଏକ୍ସପ୍ରେସ ଟ୍ରେନ ରହଣୀ ବାଦ ପଡ଼ିବା ପରେ ଲୋକେ ଟ୍ରେନ ଯାତ୍ରା ପାଇଁ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାକୁ ନେଇ ଧିରେ ଧିରେ ଜନ ଅସନ୍ତୋଷ ବୃଦ୍ଧି ପାଉଥିବାବେଳେ ଅଞ୍ଚଳରେ ଏକ ଆନ୍ଦୋଳନାତ୍ମକ ପରିସ୍ଥିତି ଦେଖିବାକୁ ମିଳିଛି। ଏପରିକି ଅଞ୍ଚଳର ଲୋକେ ସବୁଆଡୁ ନିରାଶ ହେବାପରେ ଆଜି ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ସୁବାସ ଚନ୍ଦ୍ର ଚୌଧୁରୀଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେହିପରି ଜନସଂଖ୍ୟା ଦୃଷ୍ଟିରୁ ରାମଚନ୍ଦ୍ରପୁରକୁ ପୂର୍ଣ୍ଣାଙ୍ଗ ରେଳ ଷ୍ଟେସନରେ ପରିଣତ କରିବା ଓ ଆବଶ୍ୟକୀୟ ସୁବିଧା ଯୋଗାଇ ଦେବାକୁ ଦାବି କରିଛନ୍ତି। କଳାହାଣ୍ଡି ରେଳଯାତ୍ରୀ ସଂଘ, ରାମଚନ୍ଦ୍ରପୁର ୟୁନିଟ ତରଫରୁ କିଶୋର କୁମାର ପୁରୋହିତ, ସୁଶୀଲ କୁମାର ବାଗ, ପ୍ରଭାତ ରଞ୍ଜନ ବେହେରା, ସୁରେନ୍ଦ୍ର ମାଝୀ, ଚନ୍ଦ୍ରଧ୍ୱଜ ମାଝୀ ପ୍ରମୁଖ ଏହି ପ୍ରତିନିଧି ଦଳରେ ସାମିଲ ଥିଲେ। କଳାହାଣ୍ଡି ରେଳଯାତ୍ରୀ ସଙ୍ଘର ଅଧକ୍ଷ ଡ. ଭବାନୀଶଙ୍କର ନିଆଲଙ୍କ ନେତୃତ୍ୱରେ ଏହି ପ୍ରତିନିଧି ଦଳ ଯାଇଥିବାବେଳେ କେସିଙ୍ଗା ୟୁନିଟର ସଭାପତି ବଣ୍ଟି ଅଗ୍ରୱାଲ ପ୍ରମୁଖ ସାମିଲ ଥିଲେ। ସେହିପରି ଏହି ପ୍ରତିନିଧି ଦଳ ଜିଲ୍ଲାର ବିଭିନ୍ନ ରେଳ ସମସ୍ୟା ସମ୍ପର୍କରେ ରେଳ ମଣ୍ଡଳ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିମଧ୍ୟରୁ ରାମଚନ୍ଦ୍ରପୁର ଭଳି ଦେଫୁର, କୁତ୍ରୁଖମାର ପାସେଞ୍ଜର ହଲଟରେ ଟ୍ରେନ ରହଣୀ, ଭବାନୀପାଟଣା ରେଳ ଷ୍ଟେସନର ନବୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା, କେସିଙ୍ଗା ଦେଇ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ ଚଳାଚଳ, କେସିଙ୍ଗା ଷ୍ଟେସନର ଉନ୍ନତିକରଣ ଆଦି ବିଭିନ୍ନ ଦାବି ସମ୍ପର୍କରେ ଅଧକ୍ଷ ଡ. ନିଆଲ ମଣ୍ଡଳ ପ୍ରବନ୍ଧକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ପ୍ରଥମ ସିଣ୍ଡିକେଟ୍ ବୈଠକ

**ବ୍ରହ୍ମପୁର :** ସ୍ଥାନୀୟ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପ୍ରଥମ ସିଣ୍ଡିକେଟ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅସୀମା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବୈଠକରେ କମିଟିର ବହୁ କର୍ମକର୍ତ୍ତା ସାମିଲ ହୋଇଥିଲେ । ଏଠାରେ ବିଶ୍ୱବିଦ୍ୟାଳୟର ଉନ୍ନତି ଏବଂ ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିଲା । ତେବେ ଛାତ୍ରଛାତ୍ରୀମାନଙ୍କୁ କିପରି ଉତ୍ତମ ଶିକ୍ଷା ପ୍ରଦାନ କରାଯିବ ଏବଂ ଖାଲି ପଡ଼ିଥିବା ପଦବୀଗୁଡ଼ିକ ପୂରଣ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ପିଜି କାଉନ୍‌ସିଲ୍ ଚେୟାରମ୍ୟାନ୍ ଡ଼. ମନୋଜ ପଟ୍ଟନାୟକଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ।



# ପୋଲିସ ପକ୍ଷରୁ ବ୍ରାଉନ୍ ସୁଗର ଜବତ, ଜଣେ ଗିରଫ



**ବ୍ରହ୍ମପୁର :** ସ୍ଥାନୀୟ ଗୋସାଇଁନୂଆଗାଁ ଥାନା ପୋଲିସ ପକ୍ଷରୁ ବ୍ରାଉନ୍ ସୁଗର ଜବତ କରାଯିବା ସହ ଏ ସଂକ୍ରାନ୍ତରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲେ ବଡ଼୍ ବଜାର ଥାନା ଅନ୍ତର୍ଗତ ହରିଡ଼ାଖଣ୍ଡି ଶାସ୍ତ୍ରୀ ନଗର ଅଞ୍ଚଳର ସନ୍ତୋଷ ପାତ୍ର (୩୬) ବୋଲି ଜଣାପଡ଼ିଛି । ଗିରଫ ଅଭିଯୁକ୍ତଙ୍କ ଠାରୁ ୬.୬୯ ଓଜନର ବ୍ରାଉନ୍ ସୁଗର , ଦୁଇ ଗୋଟି ମୋବାଇଲ୍ ଫୋନ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି ପୋଲିସ । ସୂଚନାଥାଉକି, ଗତ ୧୦ ତାରିଖ ରାତ୍ର ୮ ଘଣ୍ଟା ସମୟରେ ଗୋସାଇଁନୂଆଗାଁ ଥାନା ଏସ୍‌ଆଇ ଗୌରବ ରଞ୍ଜନ ଦାଶ ଏବଂ ତାଙ୍କ ଟିମ୍ ପେଟ୍ରୋଲିଂ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ହଳଦିଆପଦର ସର୍ଭିସ୍ ରୋଡ୍ ନିକଟରେ ଅଭିଯୁକ୍ତ ସନ୍ତୋଷ ବ୍ରାଉନ୍ ସୁଗର ଧରି ବିକ୍ରୟ ପାଇଁ ଜଗି ରହିଥିବା ବେଳେ ପୋଲିସ କାବୁ କରିଥିଲା । ଏନେଇ ଗୋସାଇଁନୂଆଗାଁ ଥାନା କେସ୍ ନଂ ୧୬୬/୨୬ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତକୁ ସୋମାବାର କୋର୍ଟ ଚାଲାଣ କରାଯାଇଥିବା ନେଇ ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣ ବିବେକ୍ ଏମ୍ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ।

# ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀଙ୍କ ମିଳିତ ପ୍ରତିବାଦ ସଭା




**ବ୍ରହ୍ମପୁର :** ଓଡିଶାର ସରକାରୀ ଅନୁଦାନ ମିଳୁଥିବା ବିଶ୍ୱବିଦ୍ୟାଳୟ ଗୁଡିକରେ ମାସିକ ଦରମା ମିଳିବାରେ ବିଳମ୍ବ ହେବାରୁ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ମିଳିତ ଭାବେ ପ୍ରତିବାଦ କରିଛନ୍ତି । ସରକାରଙ୍କ ରାଜ୍ୟର ବିଶ୍ୱବିଦ୍ୟାଳୟ କର୍ମଚାରୀ ମାନଙ୍କ ପ୍ରତି ଦୀର୍ଘ ଦିନଧରି ଥିବା ବୈମାତୃକ ମନୋଭାବ ବିରୁଦ୍ଧରେ ସ୍ୱର ଉତ୍ତୋଳନ ହୋଇଥିଲା । ରାଜ୍ୟରେ ସବୁ ସରକାରୀ କର୍ମଚାରୀ ମାନଙ୍କୁ ୟୁ ପି ଏସ ବ୍ୟବସ୍ଥା, ଏନ୍ ପି ଏସ ପେନସନ ବ୍ୟବସ୍ଥା ଥିବା ବେଳେ ବିଶ୍ୱବିଦ୍ୟାଳୟ କର୍ମଚାରୀମାନଙ୍କୁ ଏଥିରୁ ବାଦ ଦିଆଯାଇଛି । ଏହା ଅତ୍ୟନ୍ତ ଦୁଃଖଦାୟକ ବୋଲି ନିଖିଳ ଓଡିଶା କର୍ମଚାରୀ ମହାସଂଘର ସଭାପତି ଡ ମିହିର କୁମାର ତ୍ରିପାଠୀ ଜଣାଇଛନ୍ତି । ଏହି ପ୍ରତିବାଦ ସଭାରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ସଭାନେତ୍ରୀ ପ୍ରଫେସର ଜୋତ୍ସ୍ନା ସାହୁ, ଉପସଭାପତି ଡ ଜୟନ୍ତ କୁମାର ପଣ୍ଡା, ଡ ସତ୍ୟ ନାରାୟଣ ସାହୁ, ଡ ମୃତ୍ୟୁଞ୍ଜୟ ଜେନା ପ୍ରମୁଖ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘର ସଭାପତି ବି. ତେଜେଶ୍ୱର ରାଓ, ସମ୍ପାଦକ ସତ୍ୟ ନାରାୟଣ ଶତପଥୀ, ଉପଦେଷ୍ଟା ବିଶ୍ୱବିହାରୀ ବିଷୋୟୀ, ଇନ୍ଦ୍ର ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । କର୍ମଚାରୀ ସଂଘ ତରଫରୁ ଏକ ସ୍ମାରକ ପତ୍ର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରାଯାଇଛି । ଆଗାମୀ ଦିନରେ ରାଜ୍ୟ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ବିଭିନ୍ନ ଦାବି ନେଇ ସରକାରଙ୍କୁ ସାକ୍ଷାତ କରି ଦାବିପତ୍ର ଦିଆଯିବ ବୋଲି ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସଭାପତି ଡ ତ୍ରିପାଠୀ ଜଣାଇଛନ୍ତି ।

# ବିଭିନ୍ନ ଥାନାଗୁଡ଼ିକରେ ରୋଲ୍ କଲ୍ ଓ ବ୍ରିଫିଙ୍ଗ୍ ପ୍ୟାରେଡ୍

**ବ୍ରହ୍ମପୁର :** ମହାନଗର ନିଗମ ବ୍ରହ୍ମପୁର ସହରର ବିଭିନ୍ନ ଥାନା ଗୁଡ଼ିକରେ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟବ୍ୟାପୀ ସମସ୍ତ ଥାନାରେ ରୋଲ୍ କଲ୍ ଓ ବ୍ରିଫିଙ୍ଗ୍ ପ୍ୟାରେଡ୍ ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ପୋଲିସ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ଏପରି ପ୍ୟାରେଡ୍ ସୋମବାର ସକାଳ ୯ ଘଣ୍ଟା ସମୟରେ କରାଯାଇଛି । ବିଭିନ୍ନ ଥାନା ଅଞ୍ଚଳରେ ରହିଥିବା ଆଇନ୍ ଶୃଙ୍ଖଳା ପରିସ୍ଥିତି ନେଇ ଆଲୋଚନା କରାଯିବା ସହ କିପରି ଶୃଙ୍ଖଳା ବଜାୟ ରହିବ ଏବଂ ଜନସାଧାରଣମାନଙ୍କୁ କିପରି ଆଇନ୍ ସେବା ଯୋଗାଇ ଦିଆଯିବ ସେଥିନେଇ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ବ୍ରହ୍ମପୁର ଏସ୍‌ପି ଡ଼. ଶର୍ବଣା ବିବେକ୍ ଏମ୍‌ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଦିନ ଏପରି ପ୍ୟାରେଡ୍ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସୂଚନା ମିଳିଛି ।




# ୭ ନମ୍ବର ୱାର୍ଡ଼ ପରିଦର୍ଶନରେ ମେୟର ଓ କମିଶନର



**ବ୍ରହ୍ମପୁର :** ମହାନଗର ନିଗମ ୭ ନମ୍ବର ୱାର୍ଡ଼ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ଅଞ୍ଚଳବାସୀ ଅଭିଯୋଗ କରିବା ପରେ ସୋମବାର ନିଗମ ମେୟର ସଂଘମିତ୍ରା ଦଳେଇ ଏବଂ କମିଶନର ଏ. ଶସ୍ୟା ରେଡ୍ଡି ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛନ୍ତି । ଆଗକୁ ବର୍ଷା ଦିନ ଆସୁଥିବା ଯୋଗୁଁ ଏହି ଅଞ୍ଚଳଗୁଡ଼ିକରେ ରହିଥିବା ଜବରଦଖଲ ଉଚ୍ଛେଦ ସହ ଅନ୍ୟାନ୍ୟ କାର୍ଯ୍ୟ କରାଯିବା ନେଇ ଏଠାରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା । ସ୍ଥାନୀୟ କର୍ପୋରେଟର ଟି. କିଶୋରଙ୍କ ସମେତ ବହୁ ସାହି ବାସିନ୍ଦାମାନେ ଉପସ୍ଥିତଥିଲେ ।

# ଜଗନ୍ନାଥ ପ୍ରସାଦଠାରେ ଜିଲ୍ଲାସ୍ତରୀୟ ଜନ ଶୁଣାଣି

**ଛତ୍ରପୁର :** ଜଗନ୍ନାଥ ପ୍ରସାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଠାରେ ଆଜି ସକାଳ ୭ ଘଟିକା ଠାରୁ ୧୦ଘଟିକା ପର୍ଯ୍ୟନ୍ତ ଜିଲ୍ଲା ସ୍ତରୀୟ ଜନଶଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଜିଲ୍ଲା ସ୍ତରୀୟ ଶିବିରରେ ଜିଲ୍ଲାପାଳ ଖ୍ୱି. କାର୍ତ୍ତି ୱାସନ୍, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ସମୀର କୁମାର ଜେନା, ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା ଉପସ୍ଥିତ ରହି ମିଳିତ ଜନଶୁଣାଣୀ କରିଥିଲେ । ଏହି ଅଭିଯୋଗ ଶୁଣାଣୀ ଶିବିରରେ ମୋଟ ୧୩୫ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୧୪ଟି ସାମୁହିକ ଓ ଅବଶିଷ୍ଟ ୧୧୯ଟି ବ୍ୟକ୍ତିଗତ ଅଭିଯୋଗ ରହିଥିଲା । ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଜନଶୁଣାଣି ଶିବିରରେ ମୁଖ୍ୟତଃ ମଧୁବାବୁ ପେନସନ୍, ପ୍ରଧାନ ମନ୍ତ୍ରୀ ଆବାସ ଓ ଅନ୍ତ୍ୟୋଦୟ ଗୃହ .ଯୋଜନା, ରାସନ୍ କାର୍ଡ, ଜମିଜମା, ଶିକ୍ଷା, ସ୍ୱାସ୍ଥ୍ୟ, ଚିକିତ୍ସା ଆଦିର ଦରଖାସ୍ତ ହସ୍ତଗତ ହୋଇଥିଲା । ଶିବିରରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ଆଇପ୍ରେମସ୍ ତରଫରୁ ଅନ୍ୱେଷଣ ଓ ପୁସ୍ତକ ଉନ୍ମୋଚନ

**ବ୍ରହ୍ମପୁର :** ଆଇପ୍ରେମସ ର ବାର୍ଷିକ ଉତ୍ସବ 'ଅନ୍ୱେଷଣ ୨୦୨୬ ', ନାମରେ ରାଜ୍ୟସ୍ତରୀୟ ସାଂସ୍କୃତିକ ଉତ୍ସବ, ଗଞ୍ଜାମ କଳା ପରିଷଦ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଖ୍ୟାତନାମା ଉଦଘୋଷକ ହୃଷିକେଶ ପାଣିଗ୍ରାହୀ, ଯୋଗଦେଇଥିବାବେଳେ ,ସମ୍ମାନିତ ଅତିଥିଭାବେ ଡକ୍ଟର ସରୋଜ କୁମାର ଦାସ, ଆସିଷ୍ଟାଣ୍ଟ ରେଜିଷ୍ଟର ବ୍ରହ୍ମପୁର ବିଶ୍ୱବଦ୍ୟାଳୟଏବଂ ପ୍ରେମ୍ ସିଂହ ବିଷ୍ଟ, ନୂଆ ଦିଲ୍ଲୀ , ଏନ ସନ୍ତୋଷ କୁମାର ରେଡ୍ଡୀ, ନିର୍ଦ୍ଦେଶକ ଉର୍ଜା ଏକାଡେମୀ ଓ ବ୍ୱରିଷ୍ଠ ସାମ୍ବାଦିକ ତଥା ଗାୟକ ସୁଦୀପ୍ କୁମାର୍ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ପ୍ରବୀଣ କୁମାର ପାଢ଼ୀ ସ୍ୱାଗତ ଭାଷଣଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ। ସ୍ୱସ୍ତି




ସୁନ୍ଦର୍ ସିଅ ,ଅଜିତ୍ ପଣ୍ଡା ମଞ୍ଚପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ଏମର୍ଜିଂ ବିଜିନେସ ପ୍ରାକ୍ଟିସ୍ସ ଆଣ୍ଡ ସଷ୍ଟେଇନ୍ବିଲିଟି ଏବଂ ବିଜୀନେସ ଇକୋନୋମିକ୍ସ ଦୁଇଟି ପୁସ୍ତକର ଉନ୍ମୋଚନ କରାଯାଇଥିଲା । ଏଥିରେ ନବଜୀବନ ଆଶ୍ରମ,, ନେକ୍ସଟ୍ ଲେଭେଲ ଡାନ୍ସ ଷ୍ଟୁଡିଓ, ଉତ୍କଳିକା ନୃତ୍ୟ ଅନୁଷ୍ଠାନ ଆଦି ପ୍ରମୁଖ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ମାନଙ୍କ ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରଦର୍ଶନ କରାଯାଇଥିଲା। ଏଥିରେ ଉଦୀୟମାନ ତାରକା, ଅଙ୍କିତା, ସତ୍ୟ ସୁନ୍ଦର ଦାସ ଏବଂ ସମସ୍ତ ସହଯୋଗୀ ମାନଙ୍କୁ ସେମାନଙ୍କର ସମାଜ ପ୍ରତୀ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ଏହି କାର୍ଯକ୍ରମକୁ ଡକ୍ଟର ମଧୁସ୍ମିତା ମିଶ୍ର, ଶ୍ରୀ ଅନୁପ ପଣ୍ଡା, ପ୍ରଭୃତି ସଂଯୋଜନା କରିଥିବାବେଳେ ଆଶୁତୋଷ ରଶ୍ମିରଞ୍ଜନମୁଦୁଲି, ସୁଶାନ୍ତ ଗୋଛାୟତ, ଜିତୁରାଜ୍ ବେହେରା, ପ୍ରଭୃତି ଛାତ୍ର ଓ ଛାତ୍ରୀ ପ୍ରମୁଖ ଏହାକୁ ପରିଚାଳନା କରିବାରେ ସହଯୋଗ ପ୍ରଦାନ କରିଥିଲେ। ଶେଷରେ ଅନୁପ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜେପି ମହିଳା ମୋର୍ଚ୍ଚାର ବିଶାଳ ଜନଆକ୍ରୋଶ ଶୋଭାଯାତ୍ରା

## 'ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍'କୁ ନେଇ ବିରୋଧୀଙ୍କୁ ଟାର୍ଗେଟ୍

**ପୁରୁଷୋତ୍ତମପୁର :** ଗଞ୍ଜାମ ଜିଲ୍ଲାର ପୁରୁଷୋତ୍ତମପୁର ଠାରେ ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ମହିଳା ଜନ ଆକ୍ରୋଶ ଶୋଭାଯାତ୍ରା କାଳୀମନ୍ଦିର ଛକ ଠାରୁ ବ୍ଲକ ଅଫିସ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ମହିଳା ମୋର୍ଚ୍ଚା ଅଧକ୍ଷା ପୁଷ୍ପାଞ୍ଜଳି ଦଳେଇଙ୍କ ନେତୃତ୍ୱରେ ଆୟୋଜିତ ଏହି ଶୋଭାଯାତ୍ରାରେ ଅଞ୍ଚଳର ଅନେକ ମହିଳା କର୍ମୀ, ସମର୍ଥକ ଓ ସାଧାରଣ ଲୋକ ଯୋଗଦେଇ ନାରୀ ସଶକ୍ତିକରଣ ପକ୍ଷରେ ଜୋରଦାର ସ୍ୱର ଉତ୍ତୋଳନ କରିଥିଲେ। ହାତରେ ପ୍ଲାକାର୍ଡ, ବ୍ୟାନର ଓ ଦଳୀୟ ପତାକା ଧରି ମହିଳାମାନେ ସହର ପରିକ୍ରମା କରିଥିଲେ। "ନାରୀ ଶକ୍ତି ଜିନ୍ଦାବାଦ", "ମହିଳା ସମ୍ମାନ ରକ୍ଷା କର" ଏବଂ "ନାରୀଙ୍କୁ ଅଧିକାର ଦିଅ" ଭଳି ସ୍ଲୋଗାନରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ଶୋଭାଯାତ୍ରା ପରେ




ଆୟୋଜିତ ସଭାରେ ବିଜେପି ନେତୃତ୍ୱ ବିରୋଧୀ ଦଳମାନଙ୍କ ଉପରେ ତୀବ୍ର ଆକ୍ରମଣ କରିଥିଲେ। ଘୁମୁସର ବିଜେପି ମହିଳା ମୋର୍ଚ୍ଚା ସଭାପତି ସ୍ୱପ୍ନା ପ୍ରଧାନ "ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍"କୁ ନେଇ ବିରୋଧୀ ଦଳମାନଙ୍କ ଭୂମିକା ଉପରେ କଟୁ ସମାଲୋଚନା କରିଥିଲେ। ସେ କହିଥିଲେ ଯେ, ଦେଶର ମହିଳାମାନଙ୍କୁ ରାଜନୈତିକ କ୍ଷେତ୍ରରେ ଅଧିକ ସୁଯୋଗ ଓ ସମ୍ମାନ ଦେବା ଲକ୍ଷ୍ୟରେ ଆଣାଯାଇଥିବା ଏହି ଐତିହାସିକ ବିଲ୍ ?କୁ କଂଗ୍ରେସ ଓ ବିଜେଡି ଭଳି ବିରୋଧୀ ଦଳମାନେ ବିରୋଧ କରିଥିବାରୁ ସେମାନଙ୍କର ନାରୀ ସଶକ୍ତିକରଣ ପ୍ରତି ମନୋଭାବ ସ୍ପଷ୍ଟ ହୋଇଛି। ଏହି ଶୋଭାଯାତ୍ରାରେ ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠୀ ସାମିଲ ହୋଇ କହିଥିଲେ ଯେ, ମହିଳାମାନେ ବର୍ଷରୁ ବର୍ଷ ଧରି ରାଜନୀତିରେ ସମାନ ଅଧିକାର ଓ ପ୍ରତିନିଧିତ୍ୱ ପାଇଁ ଲଢ଼େଇ କରୁଛନ୍ତି। କିନ୍ତୁ ବିରୋଧୀ ଦଳମାନଙ୍କ ମନୋଭାବ ମହିଳା ସମାଜ ପ୍ରତି ସତ୍ୟ ସମ୍ମାନ ଓ ସହଯୋଗର ଅଭାବକୁ ପ୍ରକାଶ କରୁଛି। ସେ ଅଭିଯୋଗ କରିଥିଲେ ଯେ, ବିଜେଡି ମହିଳାଙ୍କୁ କେବଳ ଭୋଟ ବ୍ୟାଙ୍କ ଭାବେ ବ୍ୟବହାର କରାଯାଉଛି, କିନ୍ତୁ ସେମାନଙ୍କ ସଶକ୍ତିକରଣ ପାଇଁ ଯଥାର୍ଥ ପଦକ୍ଷେପ ନେବା ବେଳେ ପଛକୁ ହଟିଯାଉଛନ୍ତି। ସଭାରେ ଯୋଗଦେଇଥିବା ଅନେକ ମହିଳା କର୍ମୀ କହିଥିଲେ ଯେ, ଆଜିର ନାରୀ ଆଉ ନିରବ ନୁହେଁ। ସେ ନିଜ ଅଧିକାର, ସମ୍ମାନ ଓ ସୁରକ୍ଷା ପାଇଁ ଲଢ଼ିବାକୁ ପ୍ରସ୍ତୁତ। ଆଗାମୀ ଦିନରେ ମହିଳାମାନେ ଏକତ୍ରିତ ହୋଇ ନାରୀ ବିରୋଧୀ ମନୋଭାବ ରଖୁଥିବା ଦଳମାନଙ୍କୁ ଲୋକତାନ୍ତ୍ରିକ ଭାବେ ଉଚିତ ଜବାବ ଦେବେ ବୋଲି ସତର୍କ କରାଯାଇଥିଲା।

# ବ୍ଲକର ସମସ୍ତ ଉଚ୍ଚବିଦ୍ୟାଳୟର ମ୍ୟାଟ୍ରିକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଶେରଗଡ :** ଶେରଗଡ ବ୍ଲକ ର ମାଧ୍ୟମିକ ଶିକ୍ଷା ପରିଷଦ ମ୍ୟାଟ୍ରିକ ପରୀକ୍ଷା ରେ ଭଲ ନମ୍ବର ରଖି ନିଜ ବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖି କୃତକାର୍ଯ୍ୟ ହୋଇଥିବା ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ଙ୍କୁ ଆଜି ଧନନ୍ତର ଗ୍ରାମ ପଞ୍ଚାୟତ ପକ୍ଷରୁ ଧନନ୍ତର ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ପରିସରରେ ମାନପତ୍ର, ଉପଢୌକନ ସହ ଟ୍ରଫି ଏବଂ ଗିଫ୍ଟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଛି । ଉଲ୍ଲେଖଯୋଗ୍ୟ ଯେ,ଶେରଗଡ ବ୍ଲକର କରଡାକଣା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲିପସା ମଳିକ ବ୍ଲକ ଟପ୍ପର ହୋଇଥିଲା ବେଳେ ଶେରଗଡ ନୋଡାଲ ବାଳିକା ଉଚ୍ଚ ବିଦ୍ୟାଳୟ ର ଛାତ୍ରୀ ବର୍ଷା ରାଣୀ ପାଢୀ ଦ୍ୱିତୀୟ, ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀୟାନ୍ସ ମିଶ୍ର ଓ ଗୋଠଗାଁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଶ୍ରାବଣୀ ପାଢୀ ଏ୧ ଗ୍ରେଡରେ ପାସ କରିଥିବା ବେଳେ ପ୍ରତି ବିଦ୍ୟାଳୟର ଟପ୍ପର ଥିବା ଛାତ୍ରଛାତ୍ରୀ ଙ୍କୁ ଆଜି ଧନନ୍ତର ପଞ୍ଚାୟତ ପକ୍ଷରୁ ଆଜି ପୁରସ୍କୃତ କରାଯାଇଥିଲା।



ଆଜିର ଏହି ଉତ୍ସବ ରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ଶିଶିର କୁମାର ମିଶ୍ର ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ବରିଷ୍ଠ ସମାଜସେବୀ ନିରଞ୍ଜନ ଜେନା (କାଳିଆ), ବିଇଓ ଲକ୍ଷ୍ମୀ ନାରାୟଣ ପଣ୍ଡା, ଏବିଇଓ ଶ୍ରୀମତି ଶୈଳେନ୍ଦ୍ରୀ ଦଳେଇ, ବ୍ଲକ ମିଳିତ ଶିକ୍ଷକ ସଂଘର ସଭାପତି ଇନ୍ଦ୍ରମଣି ସ୍ୱାଇଁ,କୁମାରପାଣି ସରପଞ୍ଚ ଉଦୟନାଥ ପ୍ରଧାନ, ପୂର୍ବତନ ବରମୁଣ୍ଡୁଳି ସରପଞ୍ଚ କାଳୁ ଚରଣ ସାହୁ, ଧନନ୍ତର ସରପଞ୍ଚ ଙ୍କ ପ୍ରତିନିଧି ମକରା ସ୍ୱାଇଁ, ଖରିଡା ସରପଞ୍ଚ ଙ୍କ ପ୍ରତିନିଧି ଅଜିତ କୁମାର ଜେନା, ଜିଲ୍ଲା ଉପସଭାପତି ନୟନୀ କୁମାର ମଳିକ କାର୍ଯ୍ୟକ୍ରମ ରେ ଯୋଗ ଦେଇ ଛାତ୍ରଛାତ୍ରୀ ଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ଟ୍ରଫି ଦେଇ ସମ୍ବର୍ଦ୍ଧିତ କରିବା ସହ ପିତାମାତା ତଥା ଗୁରୁଜନଙ୍କୁ ଭକ୍ତି ପ୍ରଦର୍ଶନ କରି ଆଗକୁ ବଢିବା ଲାଗି ପରାମର୍ଶ ଦେଇଥିଲେ ଏବଂ ଛାତ୍ରଛାତ୍ରୀ ଙ୍କ ଉତରୋତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିଶିର କୁମାର ପ୍ରଧାନ ଙ୍କ ସହ ୨୭ ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ସମସ୍ତ କର୍ମକର୍ତ୍ତା ଏବଂ ବହୁ ଅଭିଭାବକ ଉପସ୍ଥିତ ରହିଥିବା ବେଳେ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

### ବର୍ଷା ଛାଡ଼ିଲା, ଲାଇଟ୍ ଆସିଲାନି

# ଆଦିବାସୀ ଅଞ୍ଚଳର ଶତାଧିକ ଗାଁ ଅନ୍ଧାରରେ

**ଦଶପଲ୍ଲା :** 'ସବୁ ଘରକୁ ବିଜୁଳି' ଯୋଜନାର ସଫଳତା ନେଇ ସରକାର ପ୍ରଶଂସା ସାଉଁଟୁଥିବା ବେଳେ। ଅଘୋତ ବିଜୁଳି କାଟର ଉପରେ ସରକାର କଠୋର କାର୍ଯାନୁଷ୍ଠାନ ନେବାପାଇଁ ଡିଣ୍ଡିମ ପିଟୁଛନ୍ତି ବାସ୍ଦତବରେ ସରକାର ଫମ୍ପାଭାସଣ କୁ ଖାତିର କରୁନାହାନ୍ତି ବିଦ୍ୟୁତ୍ ବିଭାଗର ଚତୁର୍ଥ କର୍ମଚାରୀ । ସହରଠାରୁ ଗ୍ରାମାଞ୍ଚଳ ରେ ଚର୍ଚ୍ଚା ହେଉଛି। ଦଶପଲ୍ଲା ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଚିତ୍ର ପୁରା ଓଲଟା। ଟାକରା, କୁଲୁରୁକୁମ୍ପା, ବାଣୀଗୋଛା ଚଡେୟାପଲ୍ଲୀ, କଳସାଖମଣ, ଦୁଡା, ପୋଖରୀଗୋଛା ପ୍ରାୟ ପଞ୍ଚାୟତର ପ୍ରାୟ ଶତାଧିକ ଗାଁର ଲୋକେ ସନ୍ଧ୍ୟା ୮ଟା ପରେ ବିଦ୍ୟୁତ୍ ସେବାରୁ ବଞ୍ଚିତ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ବିଭାଗ ବିଜୁଳି କାଟିଦେଇ ପୁରା ରାତି ନିରବ ରହୁଥିବା ଅଭିଯୋଗ ହେଉଛି । ଏପରି ଦୁଇ ତିନିଦିନ ବେଳେ ବେଳେ ସପ୍ତାହ ପର୍ଯ୍ୟନ୍ତ ବିଦ୍ୟୁତ କଟାଜାଇଥାଏ। ସରାକାରଙ୍କ କିରୋସିନି ସେବା ପୁରା ଠପ୍ ହୋଇଯାଇଛି। ଆଦିବାସୀ



ଅଧ୍ୟୁଷିତ ଅଞ୍ଚଳରେ ଶତାଧିକ ଲୋକ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ବିଦ୍ୟୁତ୍ ସେବା ବନ୍ଦଫଳରେ ମୋବାଇଲ ଗୁଡ଼ିକ ବନ୍ଦ ରହେ ଲୋକେ ୧୦୮ସେବା, ପିଲାଙ୍କ ପାଠପଢ଼ା ପିଇବା ପାଣି ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି ଶତାଧିକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ବାସିନ୍ଦା ଲୋକେ। ଲୋକେ କହିବା ଅନୁଯାୟୀ, ସନ୍ଧ୍ୟା ସମୟରେ ଯଦି ସାମାନ୍ୟ ବର୍ଷା ହୁଏ ଏବଂ ତାହା ସନ୍ଧ୍ୟା ୭ଟା ମଧ୍ୟରେ ସରିଯାଏ, ତେବେ ବିଦ୍ୟୁତ୍ କର୍ମଚାରୀ ସୁରକ୍ଷା ବାହାନାରେ ଲାଇନ୍ ବନ୍ଦ କରି ଘରକୁ ପଳାଉଛନ୍ତି। ବର୍ଷା ଛାଡିବା ପରେ ପେଟ୍ରୋଲିଂ କରି ଲାଇନ୍ ଚାଲୁ କରିବା କଥା, କିନ୍ତୁ କେହି ଆସୁନାହାନ୍ତି। ଅନୁରୂପ ଭାବେ ରବିବାର ସନ୍ଧ୍ୟାରେ ଆଦିବାସୀ ଅଞ୍ଚଳରେ ମାତ୍ର କିଛି ସମୟ ପାଇଁ ସାମାନ୍ୟ ବର୍ଷା ହୋଇ ରାତି ୮ଟା ବେଳକୁ ପୁରା ଛାଡିଯାଇଥିବାବେଳେ ରାତି ତମାମ ଉକ୍ତ ଅଞ୍ଚଳରେ ବିଦ୍ୟୁତ୍ ସେବା ସ୍ୱାଭାବିକ ହୋଇପାରୁନାହିଁ।ସ୍ଥାନୀୟ ସମାଜସେବୀ ଓ ବୁଦ୍ଧିଜୀବୀଙ୍କ କହିବା ମୁତାବକ 'ସନ୍ଧ୍ୟା ହେଲେ ବିଦ୍ୟୁତ୍ ବିଭାଗ କର୍ମଚାରୀ ପେଟ୍ରୋଲିଂ ନ କରି ଅଫିସ୍ କିମ୍ବା ଘରେ ରହିଯାଉଛନ୍ତି। ଆମେ କମ୍ପ୍ଲେନ୍ ନମ୍ବରକୁ ଫୋନ୍ କଲେ କେହି ଉଠାନ୍ତିନି। ରୋଷେଇ କରିବା, ପିଲାଙ୍କୁ ପଢାଇବା, ସବୁ କାଠ ଜାଳି ଖାଇଥାନ୍ତି। ଏଇଟା କ'ଣ ଡିଜିଟାଲ୍ ଇଣ୍ଡିଆ ?' ଏ ସମସ୍ୟା ସମ୍ପର୍କରେ ବୁଝିବା ପାଇଁ ବିଭିନ୍ନ ସମୟରେ ଦଶପଲ୍ଲା ବିଦ୍ୟୁତ କାର୍ଯ୍ୟାଳୟର ଏସଡ଼ିଓ କିମ୍ୱା ଜେଇଙ୍କୁ ଫୋନ କଲେ ସେ କୌଣସି ସନ୍ତୋଷ ଜନକ ଉତ୍ତର ପ୍ରଦାନ କରନ୍ତି ନାହିଁ ନଚେତ ଫୋନ ସ୍ୱୀଚ ଅଫ ରଖିଥାନ୍ତି। ସ୍ଥାନୀୟ ଲାଇନ ମ୍ୟାନଙ୍କୁ ଯୋଗାଯୋଗ କରିବା ବେଳେ ଯାହା ହେଇଥିବ ସକାଳୁ ବୁଝିବା ବୋଲି ଉତ୍ତର ଦେଇ ଫୋନ ରଖିଦିଅନ୍ତି। ତେବେ ଏ ସମସ୍ତ ସମସ୍ୟା କୁ ଆଖି ଆଗରେ ରଖି ସନ୍ଧ୍ୟା ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଏକ ସ୍ୱତନ୍ତ୍ର ଜରୁରୀକାଳୀନ ଟିମ୍ ନିୟୋଜିତ କରାଯିବା ସହିତ ପ୍ରତି ପଂଚାୟତରେ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ପାଇଁ ଜଣେ ଲେଖାଏଁ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଉବୋଲି ସାଧାରଣରେ ଦାବୀହେଉଛି।

### ଦୁର୍ଘଟଣାରେ ପପୁ ମୃତ

# ପରିବାରଲୋକେ ଆଣିଲେ ହତ୍ୟା ଅଭିଯୋଗ

**ବଲାଙ୍ଗୀର :** ବଲାଙ୍ଗୀର ସୋନପୁର ରାସ୍ତା ବନବାହାଲ ଛକ ନିକଟରେ ଏକ ମଟରସାଇକେଲ ଦୁର୍ଘଟଣାରେ ଜଣେ ମୃତ ହୋଇଥିବା ଜଣାପଡିଛି । ଦୁର୍ଘଟଣାକୁ ନେଇ ମୃତ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ହୋଇଥିବାବେଳେଏହାକୁ ଦୁର୍ଘଟଣାର ରୂପ ଦିଆଯାଉଥିବା ପୋଲିସ ଆଗରେ ଅଭିଯୋଗ କରି କହିଛନ୍ତି। ବଲାଙ୍ଗୀର ଜିଲା ପୁଇଁତଲା ଥାନାରେ ସୋନପୁର ଜିଲା ତରଭା ଥାନା ଅନ୍ତର୍ଗତ ଝାରତରଭା ଗାଁର ମାଲୁ ବାରିକ ନିଜ ପୁଅ ପପୁ ବାରିକକୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପୁଇଁନ୍ତଲା ଥାନା ହତ୍ୟାକାଣ୍ଡ ଅଭିଯୋଗକୁ ପୋଲିସ ନ ଶୁଣିବାରୁ ମୃତ ପରିବାର ଲୋକେ ବଲାଙ୍ଗୀର ସଦର ଏସଡିପିଓ ସରୋଜ ଉପାଧ୍ୟାୟଙ୍କ ଅଫିସକୁ ଆସି ପପୁଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି ।



ତରଭାର ଆଶିଷ ସାହୁଙ୍କ ଇଲେକଟ୍ରୋନିକ୍ସ ଦୋକାନରେରେ କାମ କରୁଥିଲେ ପପୁ । ଗତକାଲି ସକାଳୁ ଦୋକାନକୁ କାମ କରିବା ପାଇଁ ଆସିଥିବାବେଳେ ଆଉ ସେ ଘରକୁ ଫେରିନଥିଲେ । ରାତିରେ ଦୋକାନ ମାଲିକ ପରିବାର ଲୋକଙ୍କୁ ଫୋନ କରି ପପୁଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଖବର ଦେଇଥିଲେ । ତା'ପରେ ଆଉ ମାଲିକର ଦେଖାଦର୍ଶନ ନାହିଁ । ପରିବାର ଲୋକେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସି ଦେଖିବା ବେଳକୁ ପୋଷ୍ଟମର୍ଟମ ୱାର୍ଡରେ ପପୁଙ୍କ ମୃତଦେହ ରଖାଯାଇଛି । ପପୁ ବାଇକ ଚଲାଇ ଜାଣେ ନାହିଁ । କିନ୍ତୁ ମାଲିକ କହୁଛନ୍ତି ବାଇକରେ ବଲାଙ୍ଗୀର-ସୋନପୁର ଟୋଲଗେଟ୍ ନିକଟରେ ଦୁର୍ଘଟଣା ଘଟି ପପୁଙ୍କ ଜୀବନ ଚାଲିଯାଇଛି । କିନ୍ତୁ ଦୁର୍ଘଟଣା ସମୟରେ ମୃତ ପପୁ ସାଙ୍ଗରେ ଥିବା ଅନ୍ୟ ଜଣେ ଯୁବକଙ୍କ ମୋଟରସାଇକେଲ ଦୁର୍ଘଟଣାରେ କୌଣସି ଆଘାତ ହୋଇନାହିଁ । ପପୁଙ୍କ ମୋବାଇଲ ସୁରକ୍ଷିତ ରହିଛି। କିନ୍ତୁ ବାଇକଟି ଭାଙ୍ଗି ଯାଇଛି । ତେଣୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିକହିଛନ୍ତି । ଏ ନେଇ ବଲାଙ୍ଗୀର ସଦର ଏସଡିପିଓଙ୍କ ଠାରେ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଇଁତଲା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି ।

# ବିପୁଳ ପରିମାଣର ଗଞ୍ଜେଇ ଜବତ, ଅଭିଯୁକ୍ତ ଫେରାର୍



**ସୁବର୍ଣ୍ଣପୁର :** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ଥାନା ବେହେରାମାଲ ପଞ୍ଚାୟତ ଲଙ୍ଗଳକଣ୍ଟା ଠାରେ ପୁଲିସ ଚଢ଼ଉ କରି ଏକ କାରରୁ ଅଢ଼େଇ କୁଇଣ୍ଟାଲର ଗଞ୍ଜେଇ ଜବତ କରିଛି । ସୁବର୍ଣ୍ଣପୁର ଏସ୍ ?ପି ନାରାୟଣ ନାୟକ ଜିଲ୍ଲା ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ କୌଣସି ସୂତ୍ରରୁ ଖବର ପାଇବା ପରେ ସୋନପୁର ମୋବାଇଲ ଟିମ ସହ ବିନିକା, ଡୁଙ୍ଗୁରିପାଲି ଓ ରାମପୁର ପୁଲିସ ଥାନାକୁ ସୂଚନା ଦେଇଥିଲେ । ବୌଦ୍ଧ ଜିଲ୍ଲା ପଟରୁ ଆସୁଥିବା ଗଞ୍ଜେଇ ବୋଝେଇ ଦାମୀ ହୁଣ୍ଡାଇ କ୍ରେଟା କାରକୁ ପୁଲିସ୍ ଟିମ ପିଛା କରୁଥିବା ଜାଣି ଗଞ୍ଜେଇ ଚାଲାଣକାରୀ ମାଫିଆମାନେ ଲଙ୍ଗଳକଣ୍ଟା ଗାଁ ଭିତରକୁ ପଶିଯାଇ ଫେରାର ମାରିବାକୁ ଉଦ୍ୟମ କରୁଥିବା ବେଳେ ରାସ୍ତା ନପାଇ ଗାଡ଼ିକୁ କ୍ଷେତ ଭିତରେ ଛାଡ଼ି ମାଫିଆମାନେ ଫେରାର ମାରିଥିଲେ । ଏହା ଦେଖି ସ୍ଥାନୀୟ କେତେକ ବ୍ୟକ୍ତି ଡୁଙ୍ଗୁରିପାଲି ପୁଲିସକୁ ଖବର ଦେବା ପରେ ଆଇଆଇସି ରୋଜାଲିନ ପଟେଲ, ଏଏସ୍ଆଇ ଏକାଦଶିଆ ପ୍ରଧାନ ପ୍ରମୁଖ ପୁଲିସ ଟିମ୍ ସେଠାରେ ପହଞ୍ଚି ଥିଲେ । କାର ଭିତରେ ବିପୁଳ ଗଞ୍ଜେଇ ପ୍ୟାକେଟ ଥିବା ଜଣାପଡିଥିଲା । ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାକୁ ଓଜନ କରାଯିବାରୁ ୨ କ୍ୱିଣ୍ଟାଲ ୭୨ କେଜି ଗଞ୍ଜେଇ ବାହାରିଥିବା ବେଳେ ଗଞ୍ଜେଇକୁ ଜବତ କରି ମାଫିଆଙ୍କ ବିଷୟରେ ଅଧିକ ତଦନ୍ତ ଜାରି ରଖିଥିବା ପୁଲିସ ସୂଚନା ଦେଇଛି ।

### ୧୨ ଘଣ୍ଟିଆ ଭବାନୀପାଟଣା ବନ୍ଦ

# ତୁର୍କେଲ ପୋଲ ମରାମତି ଦାବି ନେଇ ଆନ୍ଦୋଳନ

**ଭବାନୀପାଟଣା :** ତୁର୍କେଲ ପୋଲ ମରାମତି ଦାବିକୁ ନେଇ ତୀବ୍ର ହେଲା ଆନ୍ଦୋଳନ । କଂଗ୍ରେସ ପକ୍ଷରୁ ଆଜି(ସୋମବାର) ଭବାନୀପାଟଣା ବ୍ଲକରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଉଛି । ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେଉଥିବା ବେଳେ ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଦୋକାନ ବଜାର ବନ୍ଦ ରହିଛି, କାଁଭାଁ ଗାଡି ଚଳାଚଳ କରୁଛି। ବନ୍ଦ ଡାକରାର ପ୍ରଭାବ ଭବାନୀପାଟଣା ବ୍ଲକର ବିଭିନ୍ନ ଗାଁରେ ଦେଖିବାକୁ ମିଳିଛି । ଅନେକ ସ୍ଥାନରେ ଦୋକାନ ବଜାର ବନ୍ଦ ରହିଥିବା ବେଳେ ଗ୍ରାମାଞ୍ଚଳ ରାସ୍ତାରେ ଯାନବାହନ ଚଳାଚଳ ମଧ ବନ୍ଦ ରହିଛି । ବନ୍ଦ ପାଳନକୁ ନେଇ କାମଠଣା ଗ୍ରାମବାସୀ ଲବ ମଙ୍ଗରାଜ କହିଛନ୍ତି, 'ଆଜିକୁ ଆଠ ମାସ ହୋଇଗଲା ତୁର୍କେଲ ବ୍ରିଜ ପାଇଁ ଯାତାୟତ ବନ୍ଦ ରହିଛି । ବହୁତ ଅସୁବିଧା ହେଉଛି ଛାତ୍ରଛାତ୍ରୀ କଲେଜ ଯିବାରେ ସମସ୍ୟା ହେଉଛି, ଚାଷୀ ବ୍ୟବସାୟୀ ସମସ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି କାରଣ ବହୁତ ଦୂର ବୁଲିକି ଯିବାକୁ ପଡୁଛି । ବିଧାୟକଙ୍କ ଆହ୍ୱାନ କ୍ରମେ ବନ୍ଦ ଡାକରା ଦିଆଯାଇଛି। ସମସ୍ତ ଦୋକାନ ବଜାର ବନ୍ଦ କରିଛୁ। ଏହି ସମସ୍ୟାକୁ ଆଉ ଆଜକୁ ୧୫ ଦିନ ହେଲା ଧାରଣାରେ ବସିଛୁ । ଏହା କୌଣସି ଦଳ ପାଇଁ ନୁହେଁ ବରଂ ଏହା ଲୋକଙ୍କ ସ୍ୱାର୍ଥ ପାଇଁ କରାଯାଉଛି।' ସେହିପରି କାମଠଣା ଗାଁର କେଶବ ନାଏକ କହିଛନ୍ତି, 'ଏହ ବନ୍ଦକୁ ଆମେ ସଂପୂର୍ଣ୍ଣ ସମର୍ଥନ ଜଣାଇଛୁ । ଦୁଃଖର କଥା ଯେ ୮ ମାସ



ହେଲା ତୁର୍କେଲ ବ୍ରିଜ୍ ବନ୍ଦ୍ ହୋଇଛି ଲୋକେ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ବିଶ୍ୱାସ ରହିଛି ଯେ ସରକାର ବିଧାୟକଙ୍କ ଦାବିକୁ ପୂରଣ କରିବେ ।' ତୁର୍କେଲ ପୋଲ ମରାମତି ଦାବି ନେଇ ଦୀର୍ଘ ୧୬ ଦିନ ଧରି କଂଗ୍ରେସର ଅହୋରାତ୍ର ଧାରଣାରେ ବସିଛି । ଏହା ସତ୍ତ୍ୱେ ସରକାରଙ୍କ ପକ୍ଷରୁ କୌଣସି ସ୍ପଷ୍ଟ

### ଦୋକାନ-ବଜାରରେ ତାଲା, କାଁ ଭାଁ ଗଡୁଛି ଗାଡ଼ି

ପଦକ୍ଷେପ ନ ହେବାରୁ ଦଳ ଆନ୍ଦୋଳନକୁ ଆହୁରି ତୀବ୍ର କରିଛି । ତୁର୍କେଲ ପୋଲ କେବଳ ଏକ ସେତୁ ନୁହେଁ, ଏହା କଳାହାଣ୍ଡି ଓ ନୂଆପଡା ଜିଲ୍ଲାବାସୀଙ୍କ ଜୀବନ ରେଖା ସଦୃଶ୍ୟ । କିନ୍ତୁ ପ୍ରାୟ ୮ ମାସ ହେଲା ପୋଲଟି ଦବି ଯାଇଥିବାରୁ ଦୁଇ ଜିଲ୍ଲାର ଯୋଗାଯୋଗ ପ୍ରାୟ ବିଚ୍ଛିନ୍ନ ହୋଇପଡିଛି । ଫଳରେ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

# ଶବ ରଖି ରାସ୍ତା ଅବରୋଧ

**କେସିଙ୍ଗା :** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକର ସୁକ୍ନାଭଟା ଗ୍ରାମର ଶ୍ରୀକାନ୍ତ ସାହୁଙ୍କ ପୁତ୍ର ନରସିଂହ ସାହୁ ବୟସ ୧୭ ଗତ ରବିବାର ସନ୍ଧ୍ୟା ୮ ରାସ୍ତା କଡର ଏକ ପୋଲ ଉପରେ ବସିଥିବା ବେଳେ କେସିଙ୍ଗାରୁ ବଲାଙ୍ଗିର ପଟେ ଯାଉଥିବା ଏକ ଅଜଣା ପିକଅପ୍ ଭ୍ୟାନ୍ ବୁଲାଣିରେ ଭାରସାମ୍ୟ ହରାଇ ତାଙ୍କୁ ବାଡେଇ ଦେଇ ଚାଲିଯାଇଥିଲା । କ୍ଷତ ବିକ୍ଷତ ଅବସ୍ଥାରେ ଗ୍ରାମବାସୀ ତାଙ୍କୁ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଭବାନୀପାଟଣାକୁ ରେଫର କରି ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ସକାଳୁ ପରିବାର ବର୍ଗ ଜାତୀୟ ରାଜପଥ ୨୬ କେସିଙ୍ଗାରୁ ବଲାଙ୍ଗିରକୁ ସଂଯୋଗ କରୁଥିବା ରାସ୍ତାର ସୁକ୍ନାଭଟା ଠାରେ ମୃତ ଦେହକୁ ରଖି ରାସ୍ତା ଅବରୋଧ କରିଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚି ନଥିବା ବେଳେ ଜାତୀୟ ରାଜପଥ ଦେଇ ଯାତାୟତ ପ୍ରଭାବିତ ହୋଇଛି ।



# କେବେହେବ ଆର୍‌ଟିଓର କାର୍ଯ୍ୟାନୁଷ୍ଠାନ ?

## ■ ବୀମା ଓ ବୈଧ ଫିଟ୍‌ନେସ୍ ନ ଥାଇ ଚାଲିଛି ମାଲମାଲ ଅଟୋ

**କଳାହାଣ୍ଡି :** କଳାହାଣ୍ଡି ଜିଲ୍ଲାରେ ଫିଟନେସ,ଇନ୍ସୁରାନ୍ସ ନଥାଇ ଚାଲିଛି ବହୁ ସଂଖ୍ୟାରେ ଅଟୋ । ଛାତ୍ରଛାତ୍ରୀ ଏବଂ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଅବହେଳା କରି ଧର୍ମଗଡ ସ ?ହର ଏବଂ ଆଖପାଖ ଅଞ୍ଚଳରେ ଅଟୋ ଚାଲଛି । ଧର୍ମଗଡ ସହର ଏବଂ ଆଖପାଖ ଅଞ୍ଚଳରେ ଥିବା ସରକାରୀ ଏବଂ ବେସରକାରୀ ବିଦ୍ୟାଳୟକୁ ଅନେକ ଛାତ୍ରଛାତ୍ର ଅଟୋରେ ସ୍କୁଲ ଯିବାଆସିବା କରୁଛନ୍ତି । ଅଧିକାଂଶ ଡ୍ରାଇଭର ଙ୍କ ଲାଇସେନ୍ସ ନାହିଁ । ଅଟୋରେ ମାତ୍ରାଧିକ ସ୍କୁଲ ଛାତ୍ରଛାତ୍ରୀ ଯାତାୟତ କରୁଛନ୍ତି । ଗୋଟିଏ ଗୋଟିଏ ଅଟୋରେ ୧୨ରୁ ୧୫ଜଣ ସ୍କୁଲ ଛାତ୍ର ଛାତ୍ରୀ ଅସୁରକ୍ଷିତ ଭାବେ ଯାଉଛନ୍ତି । ସେହିପରି ଧର୍ମଗଡ ସହରରୁ ଜୁନାଗଡ ବ୍ଲକ ଏବଂ ଧର୍ମଗଡ ବ୍ଲକର ବିଭିନ୍ନ ହାଟକୁ ବ୍ୟବସାୟୀ ଏବଂ ଚାଷୀ ଅଟୋରେ ଯିବା ଆସିବା କରୁଛନ୍ତି । ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ ଲୋକ ନିଜ ଜିନିଷପତ୍ର ସହ ବିପଦପୂର୍ଣ୍ଣ ଭାବେ ଯାଉଛନ୍ତି । ଅଟୋ ଗୁଡିକର ଫିଟନେସ, ଇନ୍ସରାନ୍ସ, ପଲ୍ୟୁସନ ନ ଥାଇ ବର୍ଷ ବର୍ଷ ଧରି ରାସ୍ତାରେ ଗଡୁଛି । ଅଟୋ ଚାଲକର ବେପରୁଆ




ଗାଡି ଚାଳନା ଯୋଗୁଁ ଅନେକ ସମୟରେ ଦୂର୍ଘଟଣା ଘଟି ଧନଜୀବନ ହାନୀ ହେଉଛି । ଦୂର୍ଘଟଣାରେ ମୃତାହତଙ୍କୁ ଇନ୍ସୁରାନ୍ସ ବାବଦ ଅର୍ଥ ମିଳୁନାହିଁ । ଅଭ୍ୟାସଗତ ନିୟମ ଉଲ୍ଲଙ୍ଘନ କାରୀଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରାଯିବ ବୋଲି ଆରଟିଓ କାର୍ଯାଳୟ ରୁ ପ୍ରକାଶ ପାଏ । ସଡକରେ ଅନ୍ୟ ବ୍ୟବହାରୀଙ୍କ ପାଇଁ ବିପଦ ସାଜିଥିବା ଏଭଳି ଗାଡି ଗୁଡିକର ପଞ୍ଜି କରଣ ସାର୍ଟିଫିକେଟ (ଆରସି) ରଦ୍ଦ ପାଇଁ ପଦକ୍ଷେପ ନିଆଯିବ ଫିଟ୍‌ନେସ ନଥିଲେ ଗାଡି ସିଜ୍ ହେବ ।କେବଳ ଜରିମାନା ନୁହେଁ ଆଇନ ଅନୁଯାୟୀ ଏଣିକି ଗାଡି ଜବତ୍ କରିବା ଓ ମାମଲା ରୁଜୁ କରିବା ଭଳି କଠୋର ପଦକ୍ଷେପ ନିଆଯିବ । ବୈଧ ଫିଟନେସ ଓ ପଞ୍ଜିକରଣ ସାର୍ଟିଫିକେଟ ବିନା ଚାଲୁଥିବା ଗାଡି ଦୂର୍ଘଟଣାଗସ୍ତ ହେଲେ ବୀମା କମ୍ପାନୀ ପକ୍ଷରୁ ବୀମାରାଶି ମଧ୍ୟ ପ୍ରଦାନ କରିବାର ନିୟମ ନାହିଁ ତେଣୁ ସଡକ ସୁରକ୍ଷା ଦୃଷ୍ଟିକୋଣରୁ ଆଇନ ଉଲ୍ଲଙ୍ଘନକାରୀଙ୍କ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଯାତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ପରିବହନ କରୁଥିବା ଅଟୋ, ବସ ଓ ଅନ୍ୟାନ୍ୟ ଗାଡି କ୍ଷେତ୍ରରେ ଆହୁରି ଅଧିକ କଠୋରତାର ସହ ପଦକ୍ଷେପ ନିଆଯିବ ବୋଲି ଜିଲ୍ଲା ଆଞ୍ଚଳିକ ପରିବହନ ବିଭାଗ ରୁ ପ୍ରକାଶ ପାଉଛି ।

# କେନାଲରେ ମିଶୁଛି ମିଲ୍‌ରୁ ନିର୍ଗତ ବିଷାକ୍ତପାଣି



**ବରଗଡ :** କେନାଲରେ ମିଶୁଛି ମିଲରୁ ନିର୍ଗତ ବିଷାକ୍ତ ପାଣି । ଖୁଲ୍ଲମ ଖୁଲ୍ଲା ହେଉଛି ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ନିୟମ ଉଲଙ୍ଘନ । କାରଣ ଦର୍ଶାଅ ନୋଟିସରେ ସୀମିତ ରହୁଛି କାର୍ଯ୍ୟାନୁଷ୍ଠାନ । ବରଗଡ଼ ଜିଲ୍ଲାରେ ମିଲମାନଙ୍କରୁ ନିର୍ଗତ ବିଷାକ୍ତ ପାଣି ସିଧାସଳଖ କେନାଲରେ ମିଶୁଥିବା ଦେଖାଯାଇଛି । ଅଭିଯୋଗ ପରେ ମଧ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ଏହା ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। କେବଳ କାରଣ ଦର୍ଶାଅ ନୋଟିସରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଯାଉଥିବା ଦେଖାଯାଉଛି । କେନାଲ ଉପରେ ଚାଷୀ ଏବଂ ଜନସାଧାରଣ ନିର୍ଭର କରୁଥିବା ବେଳେ ମିଲମାନଙ୍କରୁ ନିର୍ଗତ ବିଷାକ୍ତ ପାଣି ଦ୍ୱାରା କେତେ ଧନଜୀବନ ହାନି ହେବାର ଆଶଙ୍କା ରହିଛି । ଏନେଇ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡକୁ ବାରମ୍ୱାର ଅଭିଯୋଗ କଲେ ମଧ କାର୍ଯ୍ୟାନୁଷ୍ଠାନ ଶୂନ। ଯାହାକୁ ନେଇ ଏବେ ମିଲ ମାଲିକ ଏବଂ ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଅଭିଯୋଗ କରିଛନ୍ତି ଚାଷୀ । ଅନ୍ୟପଟେ ମିଲମାଲିକ ମାନଙ୍କୁ ଏହି ନିର୍ଗତ ବିଷାକ୍ତ ପାଣିକୁ ନେଇ ପଚାରିବାରୁ ଯାହା କରିବ କର ଆମ ହାତରେ ସମସ୍ତ ଅଧିକାରୀ ଅଛନ୍ତି ବୋଲି ଖୁଲ୍ଲମ ଖୁଲ୍ଲା ଚ୍ୟାଲେଞ୍ଜ କରୁଥିବା ଦେଖିବାକୁ ମିଳିଛି । ତେବେ ନିରୀହ ଚାଷୀ ଓ ଜନସାଧାରଣଙ୍କ ଜୀବନ ସହ ଖେଳୁଛନ୍ତି ଏପରି ଅସାଧୁ ମିଲମାଲିକମାନେ ଏବଂ ଏମାନଙ୍କୁ ସୁରକ୍ଷା ଦେଉଛନ୍ତି କିଛି ଅସାଧୁ ଅଧିକାରୀ । ତେବେ ଏମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବ କି ପ୍ରଶାସନ ନା ପୁଣି କାରଣ ଦର୍ଶାଅ ନୋଟିସରେ ସୀମିତ ହୋଇଯିବ ।

# ଧର୍ମଗଡ଼ ସହରରେ ଜଳଖିଆ ମୂଲ୍ୟ ବୃଦ୍ଧି

**କଳାହାଣ୍ଡି :** କଳାହାଣ୍ଡି ଜିଲ୍ଲା ଧର୍ମଗଡ ସହରରେ ଜଳଖିଆ ମୂଲ୍ୟ ବୃଦ୍ଧି ଯୋଗୁଁ ଖାଉଟି ହନ୍ତସନ୍ତ ହେଉଛନ୍ତି । ଜଳଖିଆ ସମେତ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ବୃଦ୍ଧି ନେଇ ପ୍ରଶାସନର କୌଣସି ନିୟନ୍ତ୍ରଣ ରହୁନଥିବା ଯୋଗୁଁ ହୋଟେଲ, ଫୁଟପାଥ ଜଳଖୁଆ, ଫାଷ୍ଟଫୁଡ ଏବଂ ଅନ୍ୟାନ୍ୟ ଖାଦ୍ୟସାମଗ୍ରୀ ଦୋକାନୀମାନେ ନିଜ ମନମୁତାବିକ ଦର ବୃଦ୍ଧି କରୁଛନ୍ତି । ଏଥି ନେଇ ଖାଉଟୀ ସୁରକ୍ଷା ନେଇ ଖାଦ୍ୟ ଓ ଯୋଗାଣ ବିଭାଗର ଦାୟିତ୍ୱ ରହିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଫୁଟପାଥ ଦୋକାନୀମାନେ ନିମ୍ନମାନର ତେଲ ବ୍ୟବହାର କରୁଥିବା ବେଳେ ପିଇବା ପାଇଁ ଶୁଦ୍ଧ ଜଳ ମଧ ଦେଉନାହାଁନ୍ତି। ଏପରିକି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ମଧ ଚଢଉ କରାଯାଉନାହିଁ। ଫଳରେ ସହରରେ ହୋଟେଲ ଓ ଫୁଟପାଥ ଗୁଡିକରେ ଏକ ପ୍ରକାର ନିମ୍ନମାନର ଖାଦ୍ୟ ଖାଇବା ସହିତ ଶୁଦ୍ଧ ପାଣି ପିଇବା ପାଇଁ ମିଳୁନଥିବା ଯୋଗୁଁ ଗ୍ରାହକ ମାନେ ବିଭିନ୍ନ ପେଟ ରୋଗରେ ଜନିତ ଶୀକାର ହେବା ସହିତ ସ୍ୱାସ୍ଥ୍ୟ ମଧ ବିଗିଡିବା ଲାଗିଛି । ତେଣୁ ପ୍ରଶାସନ, ବିଜ୍ଞାପିତ ଅଞ୍ଚଳ ପରିଷଦ ସଂସ୍ଥା ଓ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ନିୟମିତ ଚଢଉ କରିବାକୁ ସାଧାରଣ ଦାବି ହେଉଛି। ଅନ୍ୟପକ୍ଷରେ ବ୍ୟବସାୟୀକ ଗ୍ୟାସର ଦର ବୃଦ୍ଧି ପାଇଥିବା ବେଳେ ଆବଶ୍ୟକ ଗ୍ୟାସ ଗୋଦାମରୁ ମିଳୁନଥିବା ଯୋଗୁଁ କଳାବଜାରରେ ଘରୋଇ ବ୍ୟବହୃତ ଗ୍ୟାସ ନିର୍ଦ୍ଧାରିତ ଦରରୁ ୫ଶହରୁ ୧ ହଜାର ଅଧିକ ଟଙ୍କାରେ କ୍ରୟ କରୁଛନ୍ତି । ଅଧିକାଂଶ ଦୋକାନରେ ବ୍ୟବହୃତ ତେଲ ଓ ରିଫାଇନ ତେଲର ଦର ପ୍ରାୟ ୨୦ରୁ ୩୦ ଟଙ୍କା ବୃଦ୍ଧି ପାଇଛି । ତେଣୁ ବ୍ୟବସାୟୀମାନେ ଖାଦ୍ୟ ସାମଗ୍ରୀ ଦର ବୃଦ୍ଧି କରିଥିବା ନେଇ ସଫେଇ ଦେଉଛନ୍ତି । ପ୍ରକାଶ ଯେ, ଧର୍ମଗଡ ସହରରେ ଫୁଟପାଥ ଜଳଖିଆ ଦୋକାନରେ ୨୦ ଟଙ୍କାରେ ପୂର୍ବରୁ ବିକ୍ରି ହେଉଥିବା ୪ଟି

### ଖାଉଟି ହନ୍ତସନ୍ତ

ଇଡଲି ଏବଂ ୪ଟି ପୁରି ବଦଳରେ ଏବେ ୩ଟି ଇଡଲି ଏବଂ ୩ ପୁରି ବିକ୍ରି ହେଉଥିବା ବେଳେ କେତେକ ଦୋକାନରେ ୧୦ ଟଙ୍କାରେ ଗୋଟିଏ ଇଡଲି ଏବଂ ଗୋଟିଏ ପୁରି ବିକ୍ରି ହେଉଛି। ସେହିପରି ପୂର୍ବରୁ ରହିଥିବା ବିଭିନ୍ନ ଦୋସା ଦର ପ୍ରାୟ ୧୦ ଟଙ୍କା ଲେଖାଏଁ ବୃଦ୍ଧି ପାଇଛି। ବରା, ସିଙ୍ଗଡା, କାଚୋଡି, ଫାଷ୍ଟଫୁଡ ଖାଦ୍ୟର ମଧ ଦର ବୃଦ୍ଧି କରାଯାଇଛି ।

Printed, Published, edited and owned by Ipsita Pati, Published from Plot no.214/A, Sahid Nagar, Bhubaneswar, Pin - 751007, Odisha
and Printed at Ray Publications, Plot No-17, Rajarani Lewis Road, Bhubaneswar, Pin - 751014, Khurda, Odisha
Mob : +91 9692701007, 9438119777 | Email : pratishabda7@gmail.com | Website : www.pratishabda.com

Editor : Ipsita Pati | Executive Editor : Satyajit Mohapatra | Managing Editor : Jitendra Ku. Pati